## ସଂକ୍ଷେପରେ

### ୭ ଜୁଆଡି କୋର୍ଟ ଚାଲାଣ



ଖଇରା,୨ା୧(ଡି.ଏନ.ଏ): ମଙ୍ଗଳବାର ସନ୍ଧ୍ୟାରେ ଖଇରା ଥାନା ଅଧୀନ ଝିଙ୍କିରିଆ ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ ପଡିଆରେ ଜୁଆ ଖେଳୁଥିବା ଅବସ୍ଥାରେ ଖଇରା ଥାନା ଏଏସଆଇ ବାସୁଦେବ ମହାନ୍ତି ୭ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନଙ୍କ ନାମରେ ଏକ ମାମଲା(୦୧/୧୯) ରୁଜୁ କରାଯିବା ସହ ସେମାନଙ୍କ ନିକଟରୁ ୮ହଜାର ୩୦ଟଙ୍କା ଜବତ କରାଯାଇଛି। ଗିରଫ ହୋଇଥିବା ବ୍ୟକ୍ତି ମାନେ ହେଲେ ଝିଙ୍କିରିଆ ଗ୍ରାମର ନବ ସେଠୀ, ଦୟାନିଧି ଶଙ୍ଖୁଆ, ବୁଦ୍ଧିରାମ ପାଢୀ, ସାରକୋଣା ଗ୍ରାମର ବିପିନ କୁମାର ନାୟକ ଓ ଜଗବନ୍ଧୁ ଜେନା, ଅମାରଗଡିଆ ଗ୍ରାମର ଉଦ୍ଧବ ପରିଡା ଓ ରାଜେନ୍ଦ୍ର ପରିଡା।

# 'ବାଲେଶ୍ୱର ସଦରର ଉନ୍ନତି ହୋଇଛି'

ବାଲେଶ୍ୱର ଅଫିସ,୨ା୧

ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ଉଲ୍ଲେଖନୀୟ ଉନ୍ନତି ହୋଇଛି। ସ୍ଥାନୀୟ ବିଧାୟକ ଜୀବନ ପ୍ରଦୀପ ଦାଶ ବୁଧବାର ଏହିକଥା କହିଛନ୍ତି। ଏଥିସହିତ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ କ୍ଷେତ୍ରରେ ହୋଇଥିବା ଉନ୍ନତିର ତାଲିକା ପ୍ରଦାନ କରିଛନ୍ତି।

ସ୍ଥାନୀୟ ଏକ ଘରୋଇ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜୀବନ ପ୍ରଦୀପ ଦାଶ କହିଛନ୍ତି ଯେ, ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ନଦୀ, ସମୁଦ୍ର ଘେରା ମଧ୍ୟରେ ହୋଇଥିବାରୁ ରାସ୍ତାଘାଟର ଅବସ୍ଥା ଶୋଚନୀୟ ଥିବାବେଳେ ବିଗତଦିନରେ ରାଜ୍ୟସରକାରଙ୍କ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଶତପ୍ରତିଶତ ନବୀକରଣ କରାଯାଇଛି। ଗମନାଗମନ, ବିଦ୍ୟୁତୀକରଣ, ପାନୀୟଜଳ ଯୋଗାଣ, କୃଷି ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପ୍ରଗତି ଘଟିଛି। ପଞ୍ଚୁପଡ଼ା ସେତୁ, ଜଳକା ନଦୀ ଉପରେ ବଡ଼ଧନାଡ଼ି–କୋଇଲିସାହି ଉପରେ ପୋଲ ନିର୍ମାଣ ଶେଷ ହୋଇଥିବା ବେଳେ ବୁଢ଼ାବଳଙ୍ଗ ନଦୀ ଉପରେ କସିମିଳା ପୋଲ, ଡୁବୁଡୁବୁ ନଦୀ ଉପରେ ବିଜୁ ସେତୁ ଯୋଜନାରେ ପୋଲ କାର୍ଯ୍ୟ ଆରମ୍ଭ ହୋଇସାରିଛି। ସହରର ବିକାଶ କ୍ଷେତ୍ରରେ ୯ଟି ମୁଖ୍ୟରାସ୍ତାକୁ ସରକାର ନିଜ ଅଧୀନକୁ ନେଇ ପ୍ରଶସ୍ତି ଓ ଉନ୍ନତିକରଣ ପାଇଁ ୪୦କୋଟି ପ୍ରଦାନ କରିବା ସହ ଚଳିତବର୍ଷ ଅନ୍ୟ ୭ଟି ରାସ୍ତାକୁ ଉକ୍ତ ଯୋଜନାରେ ୩୪କୋଟି ଟଙ୍କା ପ୍ରଦାନ କରାଯାଇଥିବା ଜୀବନ କହିଛନ୍ତି। ଅନ୍ୟପଟରେ ରାଜ୍ୟ ଓ କେନ୍ଦ୍ରସରକାରଙ୍କ ମିଳିତ ସହଯୋଗରେ ଶୋଭାରାମପୁର, ଅଙ୍ଗାରଗଡ଼ିଆ, ରୂପ୍‌ସା ରେଳଷ୍ଟେଶନ ଠାରେ ଉଡ଼ନ୍ତାପୋଲ ମଞ୍ଜୁର, 'ଆମ ସହର ଆମ ଉନ୍ନତି' ଯୋଜନାରେ ପ୍ରତ୍ୟେକ ୱାର୍ଡକୁ ୨୫ଲକ୍ଷ ଟଙ୍କା, ସହରର ବିଦ୍ୟୁତ ବ୍ୟବସ୍ଥାର ଉନ୍ନତି ପାଇଁ ୩ଶହଟି ନୂତନ ଟ୍ରାନ୍ସଫର୍ମର, ଏଲ୍‌ଇଡ଼ି ଲାଇଟ୍ ବ୍ୟବସ୍ଥା, ପାନୀୟଜଳ ସୁବ୍ୟବସ୍ଥା ପାଇଁ ପାଇପଲାଇନ୍‌ର ପରିବର୍ତ୍ତନ, ୩୭ଟି ନୂତନ ବୋର୍‌ୱେଲ୍, ୬ଟି ବିଶାଳ ଭୂତଳ ପାଣି ଟାଙ୍କି ଏବଂ ସହରର ଜଳ ନିଷ୍କାସନ ପାଇଁ ମହାନାଳଗୁଡ଼ିକର ପୁନରୁଦ୍ଧାର ଭଳି କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ବାଲେଶ୍ୱର ମେଡ଼ିକାଲ କଲେଜ, ଅତ୍ୟାଧୁନିକ ହସ୍ପିଟାଲ ସ୍ଥାପନ ହେବା ପରେ ଜିଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା, ମାଗଣା ଚିକିତ୍ସା ମିଳିପାରିଛି। କୃଷିକ୍ଷେତ୍ରରେ ଜଳସେଚନର ସୁବ୍ୟବସ୍ଥା ପାଇଁ ବାଙ୍କିତିରା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ପାଇଁ ୨ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ କାର୍ଯ୍ୟାରମ୍ଭ ସହ ୮ହଜାର ହେକ୍ଟର ଜମି ଜଳସେଚନ କରାଯାଇପାରିବ ବୋଲି ବିଧାୟକ ଦୃଢୋକ୍ତି ପ୍ରକାଶ କରିଛନ୍ତି। ବାଲେଶ୍ୱର ନିର୍ବାଚନମଣ୍ଡଳୀକୁ ଏକ ଉନ୍ନତ ଓ ଶୃଙ୍ଖଳିତ ଶ୍ରେଷ୍ଠ ନିର୍ବାଚନ ମଣ୍ଡଳୀରେ ପରିଣତ କରିବା ପାଇଁ ବିଧାୟକ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ଆଲୋକ କୁମାର ସାହୁ, ସଦର ବ୍ଲକ ଚେୟାରମ୍ୟାନ ନାରାୟଣ ପ୍ରଧାନ, ବିଜେଡି ଜିଲା ସାଧାରଣ ସମ୍ପାଦକ ବରୋଦା ପ୍ରସନ୍ନ ପଟ୍ଟନାୟକ, ଜୀବନବିନ୍ଦୁର ମୁଖ୍ୟ ଆଶିଷ ଘୋଷ, ବିଜେଡି ସଦର ବ୍ଲକ ସଭାପତି ଶକ୍ତିପଦ ରାୟ, ମିଡ଼ିଆ କୋର୍ଡିନେଟର ଧିରେନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସଦର ବିଧାୟକ ଓ ଅନ୍ୟମାନେ।

# ୪ରୁ ଇମାମୀ ପେପର୍ସ ମଜ୍‌ଦୁର ସଂଘର ଆମରଣ ଅନଶନ

ରେମୁଣା, ୨ା୧ (ଡି.ଏନ.ଏ.)

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁର ସ୍ଥିତ ଇମାମୀ ପେପର ମିଲ୍‌ରେ କାମ କରୁଥିବା ୫ ଶ୍ରମିକଙ୍କୁ କର୍ତ୍ତୃପକ୍ଷ ସସ୍‌ପେଣ୍ଡ କରିଛନ୍ତି। ଏହାର ପ୍ରତିବାଦରେ ଇମାମୀ ପେପର୍ସ ମଜ୍‌ଦୁର ସଂଘ ପକ୍ଷରୁ ଆସନ୍ତା ୪ ତାରିଖରୁ କାରଖାନା ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ସଂଘ ପକ୍ଷରୁ ଜିଲା ପ୍ରଶାସନକୁ ଅବଗତ କରାଯାଇଥିବା ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

ଗତବର୍ଷ ସେପ୍ଟେମ୍ବର ୨୯ରେ କାରଖାନା ପାୱାର ପ୍ଲାଣ୍ଟରେ କାମ କରିବା ବେଳେ କୋଇଲା ବୋଝେଇ ବଙ୍କର ଧସିଯିବାରୁ ଅଜିତ ନାୟକ ନାମକ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଉକ୍ତ ବଙ୍କର ଭାଇବ୍ରେସନ ହେଉଥିବା ନେଇ ପୂର୍ବରୁ କାରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଅସୁରକ୍ଷିତ ସ୍ଥାନରେ ଶ୍ରମିକଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଥିବାରୁ କମ୍ପାନୀର ୱାର୍କରମାନେ କିଛି ଦାବି ନେଇ କାର୍ଯ୍ୟାଳୟ ଆଗରେ ଏକତ୍ର ହୋଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ମଜ୍‌ଦୁର ସଂଘର କର୍ମକର୍ତ୍ତା, କାରଖାନା କର୍ତ୍ତୃପକ୍ଷ, ନୀଳଗିରି ଉପଖଣ୍ଡ ପୋଲିସ ଅଧିକାରୀ ଏବଂ ରେମୁଣା ପୋଲିସ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଘଟଣାର ତଦନ୍ତ, ଦୁର୍ଘଟଣା ଏଡ଼ାଇବା ପାଇଁ ସତର୍କତା, ସୁରକ୍ଷା ସମ୍ପର୍କିତ ମାସିକ ସଚେତନତା କାର୍ଯ୍ୟକ୍ରମ, ନୂଆ ଆମ୍ବୁଲାନ୍ସ ଏବଂ ଦୁର୍ଘଟଣା ସମୟରେ ସାଇରନ ବ୍ୟବସ୍ଥା ଆଦି ଦାବି କରାଯାଇଥିଲା। ଏ ନେଇ ଗତ ନଭେମ୍ବର ୨୭ରେ ଆମରଣ ଅନଶନରେ ବସିବାକୁ ସଂଘ ଜିଲାପାଳଙ୍କୁ ଅବଗତ କରିଥିଲା। ମାତ୍ର ଆଗକୁ ରାଜ୍ୟପାଳଙ୍କ ଗସ୍ତ ଦୃଷ୍ଟିରୁ ଜିଲାପାଳ ଗତ ଡିସେମ୍ବର ୧ରେ ଇମାମୀ କର୍ତ୍ତୃପକ୍ଷ ଏବଂ ମଜ୍‌ଦୁର ସଂଘକୁ ଡକାଇ ଆଲୋଚନା କରିଥିଲେ। ଡିସେମ୍ବର ୧୫ ସୁଧା ଛଟେଇ କର୍ମଚାରୀଙ୍କୁ ରିଜଏନିଂ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଇମାମୀ କର୍ତ୍ତୃପକ୍ଷ ଜାଣିଶୁଣି ସଂଘର କର୍ମଚାରୀଙ୍କୁ ହଇରାଣ କରୁଥିବା ଅଭିଯୋଗ କରି ସଂଘ ସଭାପତି ସୁଶାନ୍ତ ପଟ୍ଟନାୟକଙ୍କ ସହ ସସ୍‌ପେଣ୍ଡ ହୋଇଥିବା ୫ କର୍ମଚାରୀ ୪ରୁ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ପିକ୍‌ଅପ୍ ଜବତ: ୨୨ ଗୋରୁ ଉଦ୍ଧାର, ୫ ଗିରଫ

ରେମୁଣା,୨ା୧(ଡି.ଏନ.ଏ.)

ନୂଆ ବର୍ଷ ଆରମ୍ଭରେ ବେଆଇନ ଗୋରୁ ଚାଲାଣ ଏବଂ ଗୋରୁ ଗାଡିରୁ ବେଆଇନ ଚାନ୍ଦା ଆଦାୟ ଅଭିଯୋଗରେ ୫ ଗିରଫ ହୋଇଥିବା ବେଳେ ଶିଳ୍ପାଞ୍ଚଳ ପୋଲିସ ପିକ୍‌ଅପ, ଇଣ୍ଡିଗୋ କାର ଜବତ କରି ୨୨ ଗୋରୁଙ୍କୁ ଉଦ୍ଧାର କରି ଗୋଶାଳାରେ ଛାଡ଼ିଛି। ଏନେଇ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ମଙ୍ଗଳବାର ରାତିରେ ପାଟ୍ରୋଲିଂ ସମୟରେ ଜାତୀୟ ରାଜପଥର ନୂଆଗାଁ ନିକଟରେ ଏକ ଇଣ୍ଡିଗୋ କାରକୁ ଆଡ଼ା ପକାଇ କିଛି ଯୁବକ ପାଟି ତୁଣ୍ଡ କରୁଥିବାବେଳେ ଖବର ପାଇ ସେଠାରେ ପୋଲିସ ପହଞ୍ଚିଥିଲା। ଯୁବକମାନେ ଗୋରୁ ବୋଝେଇ ପିକ୍‌ଅପକୁ ଅଟକାଇ ଚାନ୍ଦା ଆଦାୟ କରୁଥିବା ଅଭିଯୋଗରେ ଗିରଫ ହୋଇଥିଲେ। ସମସ୍ତଙ୍କ ଘର ହଳଦୀପଦା ନିକଟରେ ବୋଲି ପୋଲିସ କହିଛି। ସେମାନେ ହେଲେ ପ୍ରଦୀପ କୁମାର ପାତ୍ର, କମଳାକାନ୍ତ ନାୟକ ଓ ଦିଲ୍ଲୀପ କୁମାର ଜେନା। ପୋଲିସ ଏହି ଘଟଣାର ତଦନ୍ତ କରୁଥିବାବେଳେ ଯୁବକମାନେ ଅଟକାଇଥିବା ପିକ୍ ଅପକୁ ଯାଞ୍ଚ କରିଥିଲେ। ପିକ୍‌ଅପ ଭିତରେ ୨୨ଟି ଗୋରୁଙ୍କୁ ଖୁନ୍ଦା ଖୁନ୍ଦି ହୋଇ ରଖାଯାଇଥିବା ପୋଲିସ ଦେଖିବାକୁ ପାଇଥିଲା। ଗୋ ଚାଲାଣ ଅଭିଯୋଗରେ ପିକ୍ ଅପ୍ ଚାଳକ ଭଦ୍ରକ ଜିଲା ପୁରୁଣାବଜାର ହଳଦୀଡିହା ବାଇପାସର ସେକ୍ ମୁସଲିମ (୪୦) ଏବଂ ହେଲପର ଭଦ୍ରକ ଗ୍ରାମାଞ୍ଚଳ ଥାନା ଗୁଡିଦରଡା ନିଶାରବାଗର ବାବୁ ଓରଫ ନିଜାମୁଦ୍ଦିନ ଖାଁ (୩୬)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏନେଇ ଏକ ମାମଲା (ନଂ.୨/୧୯) ରୁଜୁ ହୋଇଛି।



ଗୋପାଳଗାଁ କଲ୍‌ଚରାଲ କ୍ଲବର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

# କଲ୍‌ଚରାଲ କ୍ଲବର ବାର୍ଷିକ ଉତ୍ସବ

ବାଲେଶ୍ୱର ଅଫିସ,୨ା୧

ବାଲେଶ୍ୱର ଗୋପାଳଗାଁ ସ୍ଥିତ ଅନ୍ୟତମ ଅଗ୍ରଣୀ ଯୁବ ସଙ୍ଗଠନ କଲ୍‌ଚରାଲ କ୍ଲବର ୧୩ତମ ବାର୍ଷିକ ଉତ୍ସବ ଦୁଇଦିନ ଧରି ପାଳିତ ହୋଇଯାଇଛି। ଯୁବ ଶିଳ୍ପ ଉଦ୍ୟୋଗୀ ସଂଗ୍ରାମ ଦାସ ଯୋଗଦେଇ ଆନୁଷ୍ଠାନିକ ଭାବେ ଗତ ଡିସେମ୍ବର ୩୧ ତାରିଖରେ ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଜାନୁୟାରୀ ୧ ତାରିଖ ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଗୋପାଳଗାଁ ସହରର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ଏକ ମୁଖ୍ୟ ଅଂଶଗ୍ରହଣ କରୁଥିବାରୁ ଉକ୍ତ ଗ୍ରାମକୁ ଶ୍ରେଷ୍ଠ ଗ୍ରାମ ରୂପେ ପରିଣତ କରିବା ପାଇଁ ଅନୁଷ୍ଠାନର ସଭାପତି ତଥା ଶ୍ରମିକ ନେତା ଅରୁଣ କୁମାର ସ୍ୱାଇଁ ଦାବି କରିଥିଲେ। ପ୍ରଥମ ଦିନରେ ଯୁବନେତା ବିଭୁପଦ ଦାସ, ବିକ୍ରମ ପଣ୍ଡା, ଶ୍ରୀକାନ୍ତ ବୁଗୁଡ଼ାଇ ଏବଂ ଦ୍ୱିତୀୟ ଦିନରେ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ପୂର୍ବତନ ନଗରପାଳ ଆଲୋକ କୁମାର ସାହୁ, ସାମାଜିକ କର୍ମୀ ଅଜୟ ବିଶ୍ୱାଳ, ଇଞ୍ଜିନିୟର ଦୀପକ ମଲ୍ଲିକ, ସୁଦାମ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। କ୍ଲବର ସଦସ୍ୟ ସପନ ସ୍ୱାଇଁ, ପ୍ରଭାତ ମହାନ୍ତି, ରାକେଶ କୁମାର ପାଢ଼ୀ, ପ୍ରାଣକୃଷ୍ଣ ସେନ୍ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ।

# ବୟାରସାହିରେ କର୍ମୀସମ୍ମିଳନୀ

ସଜନାଗଡ଼,୨ା୧(ଡି.ଏନ.ଏ.)

ନୀଳଗିରି ବ୍ଲକ ଅନ୍ତର୍ଗତ ଭଉଁରିଆବାଡ଼ ପଞ୍ଚାୟତର ବୟାରସାହିରେ ବୁଧବାର ମଧ୍ୟାହ୍ନରେ ଫୁଟବଲ୍ ପଡ଼ିଆରେ ସନ୍ତୋଷ ସେନା ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ କରାଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ଶକୁନ୍ତଳା ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସନ୍ତୋଷ ଖଟୁଆ ଯୋଗଦେଇ ଆଗାମୀ ୨୦୧୯ ସାଧାରଣ ନିର୍ବାଚନରେ ସନ୍ତୋଷ ସେନାରେ ବିପୁଳ ଭାବେ ଭୋଟ୍ ଦେଇ ଜୟଯୁକ୍ତ କରିବା ସଙ୍ଗେ ଉକ୍ତ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ଦୃଢ଼ ସଂକଳ୍ପ ନେବା ପାଇଁ ମତ ପ୍ରକାଶ କରିଥିଲେ। ତତ୍‌ସହିତ ପଞ୍ଚାୟତର ୩ଟି ବୁଥ୍‌ରେ ୨୫ ଜଣିଆ ବୁଥ୍ କମିଟି ଗଠନ କରାଯାଇଥିଲା। ଭୂଦାରଚଣ୍ଡି ମଣ୍ଡଳ ସଭାପତି ରବୀନ୍ଦ୍ର ନାୟକ, ସମିତିସଭ୍ୟ ଦୁର୍ଗା ସିଂହ, ଗୋପିନାଥ ସିଂ, ସାଧାରଣ ସମ୍ପାଦକ ଚନ୍ଦନ ରାଉତ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ସନ୍ତୋଷ ଖଟୁଆଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ଶପଥ ନେଇଥିଲେ।



# ଅବହେଳିତ ଇରମ ଶହୀଦ ସ୍ମୃତିପୀଠ

- ରକ୍ଷଣାବେକ୍ଷଣ ଅଭାବରୁ ପୀଠରେ ଅଳିଆ ଆବର୍ଜନା ପଡ଼ିରହିଛି
- ଜମି ବିବାଦରୁ ଆଗେଇ ପାରୁନି ପ୍ରାଚୀର ନିର୍ମାଣ କାର୍ଯ୍ୟ

**ପଦ୍ମପୁର, ୨।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ରକ୍ତତୀର୍ଥ ଇରମ ଶହୀଦ ସ୍ମୃତିପୀଠ ଅବହେଳିତ ଅବସ୍ଥାରେ ରହିଛି। ପ୍ରଶାସନିକ ରକ୍ଷଣାବେକ୍ଷଣ ଅଭାବରୁ ପୀଠରେ ଚାରିଆଡ଼େ ଅଳିଆ ଆବର୍ଜନା ପଡ଼ି ରହିଛି। ଶହୀଦମାନଙ୍କ ପ୍ରତି ଏହା ଅପମାନ। ଭାରତବର୍ଷର ସ୍ୱାଧୀନତା ସଂଗ୍ରାମରେ ଦ୍ୱିତୀୟ ଜାଲିୱାନାୱାଲାବାଗ ଭାବେ ପରିଚିତ ଏହି ଶହୀଦ ସ୍ମୃତିପୀଠ ପ୍ରତି ସରକାରଙ୍କର ଦରଦ ନାହିଁ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲ ପକ୍ଷରୁ କୁହାଯାଇଛି।

୧୯୪୨ ସେପ୍ଟେମ୍ବର ୨୮ ତାରିଖ ସନ୍ଧ୍ୟାରେ ଇଂରେଜଙ୍କ ଗୁଳିରେ ଟଳି ପଡ଼ିଥିଲେ ୨୮ ଜଣ ସ୍ୱାଧୀନତା ସଂଗ୍ରାମୀ। ରକ୍ତରଞ୍ଜିତ ହୋଇଯାଇଥିଲା ଇରମର ପବିତ୍ର ମାଟି। ଶହୀଦ ହୋଇଥିଲେ ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ପରିବେୱା। ସ୍ୱାଧୀନତା ପରେ ପରିବର୍ତ୍ତିତ ସାମାଜିକ ଓ ରାଜନୈତିକ ସ୍ଥିତିରେ ଆଜି ବି ଏହି ରକ୍ତତୀର୍ଥ ଇରମ ଅବହେଳିତ ହୋଇ ରହିଛି। ସଂଗ୍ରାମୀଙ୍କ ସ୍ମୃତି ବହନ କରୁଥିବା ସ୍ଥଳରେ ପ୍ରାଚୀର ନିର୍ମାଣ ହୋଇପାରୁ ନାହିଁ। ରାଜ୍ୟ ପର୍ଯ୍ୟଟନ ବିଭାଗରୁ ୫୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ପ୍ରାଚୀର ନିର୍ମାଣ କାର୍ଯ୍ୟ ଜମି ବିବାଦରୁ ଆଗେଇ ପାରୁନି। ଫଳରେ ଶହୀଦଙ୍କ ସ୍ମୃତିସ୍ଥଳ ପରିସର ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇଛି। ହେଲେ ପ୍ରଶାସନ ଓ ରାଜନେତା ନିଦାବିଷ୍ଟ ସାଜିଛନ୍ତି। ବିଭିନ୍ନ ରାଜନୈତିକ ଦଳର ପ୍ରତିଶ୍ରୁତି ପ୍ରହସନ ପାଲଟିଛି। ଶହୀଦଙ୍କ ସମାଧିସ୍ଥଳକୁ ଏଭଳି ଉପେକ୍ଷା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ମର୍ମାହତ କରିଛି। ଏ ସମ୍ପର୍କରେ ରାଜ୍ୟ ପର୍ଯ୍ୟଟନ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତ ପଣ୍ଡା କହିଛନ୍ତି, ଜମି ବିବାଦରୁ ପୀଠରେ ପ୍ରାଚୀର ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। ଜିଲାପାଳଙ୍କୁ ଏ ବିଷୟରେ ଅବଗତ କରାଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ବିଶ୍ୱାଳ କହିଛନ୍ତି ଯେ, ଜଣେ ବ୍ୟକ୍ତି ସ୍ମୃତି ସ୍ଥାନକୁ ନିଜର ସମ୍ପତ୍ତି ବୋଲି ଦାବି କରି ଅଦାଲତରେ ଆଶ୍ରୟ ନେଇଛନ୍ତି। ଏ ବାବଦରେ ଆପୋଷ ବୁଝାମଣା ପରେ ପ୍ରାଚୀର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଏଥିଲାଗି ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବାସୁଦେବପୁରର ବିଭିନ୍ନ ସାମାଜିକ ସଙ୍ଗଠନ ଓ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।



ଇରମ ଶହୀଦ ପୀଠରେ ପାଚେରି ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇରହିଛି।

## ସଂକ୍ଷେପରେ

### ହିମସାରମନା ସାହିତ୍ୟ ପରିଷଦ ସମ୍ବର୍ଦ୍ଧିତ



**ଭଣ୍ଡାରିପୋଖରୀ, ୨।୧ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁରଠାରେ ଥିବା ହିମସାରମନା ସାହିତ୍ୟ ପରିଷଦକୁ ବାଲେଶ୍ୱର-ଭଦ୍ରକ ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲା ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲା ପରିଷଦର ୩୮ତମ ବାର୍ଷିକ ଉତ୍ସବ ବାଲେଶ୍ୱର ଜିଲା ଖଇରା ବ୍ଲକ କୁପାରୀସ୍ଥିତ ଅମ୍ବିକା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପାଲାଗାୟକ, ପାଲା ଓ ସାହିତ୍ୟ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଷୋଳମପୁର ଭଳି ସଂସ୍କୃତି ସମ୍ପନ୍ନ ମାଟିରେ ପାଲା ସଂସ୍କୃତି, ସାହିତ୍ୟ, ସଂସ୍କୃତି ପ୍ରଚାର ପ୍ରସାର କ୍ଷେତ୍ରରେ ହିମସାରମନା ସାହିତ୍ୟ ପରିଷଦ ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବାରୁ ଏହାର ସମ୍ପାଦକ ଦାମୋଦର ନାୟକ, ସହସମ୍ପାଦକ ବିଶ୍ୱମ୍ଭର ରାଉତଙ୍କୁ ପାଲା ପରିଷଦର ସମ୍ପାଦକ ଚନ୍ଦ୍ରଶେଖର ପାଢ଼ୀ, ସାହିତ୍ୟିକ ସନ୍ତୋଷ ମହାପାତ୍ର, ମୁଖ୍ୟଅତିଥି ମଦନମୋହନ ଜେନା, ଗାୟକ ଲକ୍ଷ୍ମଣ ରାଉତ ପ୍ରମୁଖ ସମ୍ମାନିତ କରିଥିଲେ। ସାହିତ୍ୟ ପରିଷଦ ସଭାପତି ହରେକୃଷ୍ଣ ପାଣିଗ୍ରାହୀ, ଗୋକୁଳି ସାମଲ, ରମେଶ ରାଉତ, ବୁଦ୍ଧିବାମନ ପଲାଇ ଓ କାର୍ତ୍ତିକ ମହାରଣା ପ୍ରମୁଖ ଏଥିପାଇଁ ଖୁସିବ୍ୟକ୍ତ କରିଛନ୍ତି।

### ୭ ବଖରା ଜଳିଗଲା: ଜଣେ ଆହତ

**ଧାମନଗର, ୨।୧ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଧୁସୁରୀ ଥାନା ଅଧୀନ ଲେଞ୍ଜରା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୭ ବଖରା ବାସଗୃହ ଜଳିଯାଇଛି। ଗ୍ରାମର ଚମ୍ପାବତୀ କବିଙ୍କର ୩ ଏବଂ ରାଜେନ୍ଦ୍ର କବିଙ୍କ ୪ ବଖରା ଜଳିଯାଇଥିବା ବେଳେ ଘରର ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ନିଆଁ ଲିଭାଇବାକୁ ଯାଇ ନରସିଂହ କବି ଆହତ ହୋଇଥିଲେ। ଧାମନଗର ଅଗ୍ନିଶମ ବିଭାଗ ଓଆଇସି ଶୁଭ୍ରାଂଶୁ ଦାସ ନିଜ ବାହିନୀଙ୍କୁ ନେଇ ନିଆଁକୁ ଆୟତ୍ତ କରିଥିଲେ। ଗୁହାଳରୁ ନିଆଁ ଲାଗି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

### ଶିକ୍ଷକ ସମନ୍ୱୟ ସମିତିର ସ୍ୱାଗତ ଉତ୍ସବ

**ଚାନ୍ଦବାଲି, ୨।୧ (ଡି.ଏନ.ଏ.):** ଓଡ଼ିଶା ଏଲିମେଣ୍ଟାରୀ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ସ୍ୱାଗତ ଉତ୍ସବ-୨୦୧୯ ଶିବଦୁର୍ଗା ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫୁଲ୍ଲ ଦାସ ଏଥିରେ ଅଧକ୍ଷତା କରିଥିଲେ। ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ, ଏମ୍‌ଇ, କନିଷ୍ଠ ଶିକ୍ଷକ ଓ ଏକ୍ସ କ୍ୟାଡେର୍ ଶିକ୍ଷକ ସଂଘ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ବିଇଓ ପ୍ରଣୟ କୁମାର ନାୟକ, ଏବିଇଓ ମଞ୍ଜୁଳାବାଳା ନାୟକ, ପ୍ରଫୁଲ୍ଲ ପଣ୍ଡା, ଭୀମସେନ ହୋ, ହରେକୃଷ୍ଣ ଜେନା, ଶିବବ୍ରତ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସଂଘ ପକ୍ଷରୁ ବିଇଓ, ଏବିଇଓ, ସିଆର୍‌ସିସି ଓ ଅଫିସ କର୍ମଚାରୀଙ୍କୁ ସ୍ୱାଗତ କରାଯାଇଥିଲା। ବିଇଓ ନାୟକ ଶିକ୍ଷକଙ୍କ ସମସ୍ୟା ଉପରେ ଆଲୋକପାତ କରି ତାହାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରକାଶ ନାୟକ, ନିକୁଞ୍ଜ କର, ତ୍ରିଲୋଚନ ଦାସ, ବିଦ୍ୟାଧର ଦାସ, ସୁଦର୍ଶନ ସ୍ୱାଇଁ, ରବୀନ୍ଦ୍ର ନନ୍ଦୀ, ଅଶୋକ ଦାସ, ଗିରିଧାରୀ ଭଳ ପ୍ରମୁଖ ଉପସ୍ଥିତ ଥିଲେ।

### ଅପରାଧୀଙ୍କୁ ଚିହ୍ନଟ ଲାଗି ସାଲତମାମି ପରେଡ

**ପଦ୍ମପୁର, ୨।୧ (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ପରିସରରେ ଅପରାଧୀଙ୍କୁ ଚିହ୍ନଟ ଲାଗି ସାଲତମାମି ପରେଡ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନା ଅଧୀନ ୧୯ ଜଣ ଗ୍ରାମରକ୍ଷୀ, ଥାନାଧିକାରୀ ରତିକାନ୍ତ ଗିରି, ଏସ୍‌ଆଇ ପ୍ରମୋଦ କୁମାର ନାୟକ, ଏଏସ୍‌ଆଇ ଦିଲୀପ କୁମାର ଦେହୁରି, ସୁଦର୍ଶନ ପ୍ରଧାନ, ସୁଦର୍ଶନ ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଆଇନଶୃଙ୍ଖଳା ରକ୍ଷା ପାଇଁ ଥାନା ଅଧୀନ ବିଭିନ୍ନ ପଞ୍ଚାୟତର ପୁରୁଣା ଅପରାଧୀ, ପଳାତକ, ଫେରାର ଅଭିଯୁକ୍ତ, ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ତାଲିକା ଯାଞ୍ଚ କରାଯିବା ସହ ସମସ୍ତ ଗ୍ରାମରକ୍ଷୀଙ୍କୁ ନିଜ ନିଜ ଅଞ୍ଚଳର ଅପରାଧିଙ୍କ ବିବରଣୀ ନିୟମିତ ଥାନାଧିକାରୀଙ୍କୁ ଜଣାଇବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ବର୍ଷର ପ୍ରଥମ ସପ୍ତାହରେ ଗ୍ରାମରକ୍ଷୀଙ୍କୁ ନେଇ ଏହି ପରେଡ କରାଯାଏ ବୋଲି ଥାନାଧିକାରୀ ରତିକାନ୍ତ ଗିରି ସୂଚନା ଦେଇଥିଲେ।

## ବାବାମଣି ଶିକ୍ଷକ ସ୍ୱୟଂସହାୟକ ସମିତି ବାର୍ଷିକ ଉତ୍ସବ

# ୧୧ ଶିକ୍ଷାବିତ୍ ସମ୍ବର୍ଦ୍ଧିତ, ୪ ମେଧାବୀ ଛାତ୍ରୀଛାତ୍ର ପୁରସ୍କୃତ

**ଆରଡ଼ି, ୨।୧ (ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକର ମଠଡିହଠାରେ ବାବାମଣି ଶିକ୍ଷକ ସ୍ୱୟଂସହାୟକ ସମିତିର ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମଞ୍ଜୁଳାବାଳା ନାୟକ ମୁଖ୍ୟଅତିଥି, ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମଠଡିହ ଓ ପହଣା କ୍ଲଷ୍ଟରର ୧୧ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଶାନ୍ତିଲତା ମହାନ୍ତି, ପାଗଳ ଜେନା, ମୁରଲୀଧର ବଳ, ଦୁର୍ଯ୍ୟୋଧନ ନାୟକ, ଅକ୍ଷୟ ନାୟକ, ବ୍ରହ୍ମାନନ୍ଦ ବିଶ୍ୱାଳ, ଗଦାଧର ନାୟକ, ଅର୍ଜୁନ ସାହାଣୀ, ନରହରି ଦାଶ, ହୃଦାନନ୍ଦ ନାୟକ ଓ କୈଳାସ ଚନ୍ଦ୍ର ରାୟଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ପୂର୍ବରୁ ସଂଗଠିତ ମେଧା ଆକଳନ ଟେଷ୍ଟରେ ୪ ମେଧାବୀ ଛାତ୍ରୀଛାତ୍ର ସଞ୍ଚିତା ବିଶ୍ୱାଳ, ଏନ୍.ଜିଜ୍ଞାସୁ ଜିଜ୍ଞାତ୍ମା, ସୌମ୍ୟରଞ୍ଜନ ନାୟକ ଓ ଶୁଭେନ୍ଦୁ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ସମିତି ସଭାପତି ଦୋଳଗୋବିନ୍ଦ ମଲ୍ଲିକ ଉତ୍ସବରେ ଅଧକ୍ଷତା କରିଥିଲେ। ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ କୃଷ୍ଣଚନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ରଞ୍ଜୀବ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ୪୨ ଜଣ ସଭ୍ୟାସଭ୍ୟ ଉତ୍ସବରେ ଉପସ୍ଥିତ ଥିଲେ।



ଉତ୍ସବରେ ସମ୍ବର୍ଦ୍ଧିତ ଶିକ୍ଷାବିତ୍‌ମାନେ।

## ବରିଷ୍ଠ ନାଗରିକ ସଙ୍ଗଠନର ବାର୍ଷିକ ସମ୍ମିଳନୀ

# ପ୍ଲାଷ୍ଟିକ ବ୍ୟବହାର ବନ୍ଦ ଉପରେ ଗୁରୁତ୍ୱ



ବାର୍ଷିକ ସମ୍ମିଳନୀରେ ଉପସ୍ଥିତ ବରିଷ୍ଠ ନାଗରିକମାନେ।

**ଧାମନଗର, ୨।୧ (ଡି.ଏନ.ଏ.)**

ଧାମନଗର ବ୍ଲକ କୋଠାର ବରିଷ୍ଠ ନାଗରିକ ସଙ୍ଗଠନ ତରଫରୁ ଦ୍ୱାଦଶ ବାର୍ଷିକ ସମ୍ମିଳନୀ ଓ ବନ୍ଧୁମିଳନ ବାଲିଚତରୀ ନଦୀପଠାଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକମାନେ ପରିବେଶକୁ ପ୍ରଦୂଷଣମୁକ୍ତ କରିପାରିଲେ ଅବଶିଷ୍ଟ ଜୀବନ ନିରୋଗରେ କଟିବା ସହ ଆଗାମୀ ପିଢ଼ି ପାଇଁ ଏହା ଶୁଭଚିନ୍ତକ ହେବ। ଏଥିପାଇଁ ପଲିଥିନ ଏମ୍ପ ପ୍ଲାଷ୍ଟିକ ବ୍ୟବହାର ନ କରିବା ନେଇ ଜନସଚେତନତା ସୃଷ୍ଟି କରିବା ଏକାନ୍ତ ଆବଶ୍ୟକ ବୋଲି ସଙ୍ଗଠନ ସଭାପତି ଅଜୟ କୁମାର ମହାପାତ୍ର ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ଭଦ୍ରକ ଏମ୍‌ପି ମଙ୍ଗରାଜ ମଲିକ ଯୋଗଦେଇ ବରିଷ୍ଠମାନେ ଅଧିକାଂଶ ଅବସରପ୍ରାପ୍ତ ଅଧିକାରୀ ହୋଇଥିବାରୁ ସେମାନଙ୍କ ଅଭିଜ୍ଞ ମତାମତକୁ ନେଇ ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶ ଦାବି ପ୍ରଶାସନ ପାଖରେ ଉପସ୍ଥାପନର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସଙ୍ଗଠନ ସମ୍ପାଦକ ଶରତ ଚନ୍ଦ୍ର ନାୟକ ଭଦ୍ରକ ଜିଲାରେ ଉକ୍ତ ସଙ୍ଗଠନରେ ଶତାଧିକ ସଦସ୍ୟ ପଞ୍ଜୀକୃତ ହୋଇଥିବା କହିଥିଲେ। ବରିଷ୍ଠ ନାଗରିକ ସଦାଶିବ ମହାପାତ୍ର, ଅବଦୁଲ ଦୟାନ, ବିଦ୍ୟାଧର ରାଉତ, ଚିନ୍ମୟ ନାୟକ, ବିଷ୍ଣୁଚରଣ ମହାନ୍ତି, ପ୍ରଫୁଲ୍ଲ ମହାପାତ୍ର, ଶିବପ୍ରସାଦ ନାୟକ, ମିର ଅବୁ ବକର, ରାଧା ଦାସ, ସୁରେନ୍ଦ୍ର ରାଉତ, ବିଜୟ ଦାସ, ଦୟାନଧି ମିଶ୍ର, ଭରତ ଚନ୍ଦ୍ର ମଲିକ ପ୍ରମୁଖ ଯୋଗ ଦେଇଥିଲେ। ପରେ ବଣଭୋଜିର ଆୟୋଜନ ମଧ୍ୟ ହୋଇଥିଲା।

## ଶିକ୍ଷାବିତ୍ ଗୟାଧରଙ୍କ ପରଲୋକ

**ତିହିଡ଼ି, ୨।୧ (ଡି.ଏନ.ଏ.)**

ତିହିଡ଼ି ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଶିକ୍ଷାବିତ୍‌ଗୟାଧର ବେହେରା(୮୩)ଙ୍କର ପରଲୋକ ଘଟିଛି। ସେ ଦୀର୍ଘବର୍ଷ ଧରି ଆରସାସ୍ଥିତ କ୍ଷେତ୍ରମୋହନ ମଧ୍ୟଇଂରାଜୀ ସ୍କୁଲରେ ଶିକ୍ଷକତା କରିଥିଲେ। ଜଣେ କର୍ତ୍ତବ୍ୟନିଷ୍ଠ ଛାତ୍ରବତ୍ସଳ ଶିକ୍ଷକ ଭାବେ ସେ ପରିଚିତ ଥିଲେ।

## ମନମୋହନ ସଙ୍ଗୀତ ପରିଷଦର ପାରଦର୍ଶିତା

**ଭଦ୍ରକ ଅଫିସ, ୨।୧**

ଭୁବନେଶ୍ୱରସ୍ଥିତ ଓଡ଼ିଶୀ ସେଣ୍ଟର ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଅନ୍ତର୍ଜାତୀୟସ୍ତରରେ ବିଭିନ୍ନ ଅନୁଷ୍ଠାନର ନୃତ୍ୟଶିଳ୍ପୀଙ୍କୁ ନେଇ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ଏଥିରେ ଭଦ୍ରକର ମନମୋହନ ସଙ୍ଗୀତ ପରିଷଦ ପାରଦର୍ଶିତା ହାସଲ କରିଛି। ପରିଷଦ ତରଫରୁ ଗୁରୁଶ୍ରୀ କେଶବ ଚନ୍ଦ୍ର କରଙ୍କ ନେତୃତ୍ୱରେ ଭାରତୀ ରାଉଳ, ଯାଜ୍ଞସିନୀ ପାଲ, ଗାୟତ୍ରୀ ପ୍ରଧାନ, ପ୍ରଜ୍ଞାପ୍ରିୟ ନାଥ ଓ ସ୍ନେହଲକ୍ଷ୍ମୀ ବିଶ୍ୱାଳ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସଫଳତା ଅର୍ଜନ କରିଥିଲେ। ଏହି ନୃତ୍ୟଶିଳ୍ପୀମାନଙ୍କୁ ପ୍ରଶଂସା ସହ ମାନପତ୍ର ପ୍ରଦାନ କରାଯାଇଥିଲା।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ପରିବେଷିତ ଓଡ଼ିଶୀ ନୃତ୍ୟ

## ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା

**ଭଣ୍ଡାରିପୋଖରୀ, ୨।୧ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ସଭାପତି କବି ଅଚ୍ୟୁତାନନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ବୈଠକରେ ଆଗାମୀ ୨ବର୍ଷ ପାଇଁ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଡ. ସୁରେନ୍ଦ୍ର ମିଶ୍ର ସଭାପତି, ପ୍ରକାଶ ମହାପାତ୍ର କାର୍ଯ୍ୟକାରୀ ସଭାପତି ଏବଂ ଉପସଭାପତି ଭାବେ ଅଧ୍ୟାପକ ଅନାଦି ଚରଣ ସାହୁ, ଅଧ୍ୟାପକ ଭରତ କରଣ, ଶରତ ଚନ୍ଦ୍ର ମହାପାତ୍ରଙ୍କୁ ମନୋନୀତ କରାଯାଇଛି। ପବନ କୁମାର ନାୟକ ସମ୍ପାଦକ, ପୁରୁଷୋତ୍ତମ ଧଳ ଓ ଗୁରୁଚରଣ ସାହୁ ଯୁଗ୍ମ ସମ୍ପାଦକ, ନଟବର ରାଉଳ ସଂଗଠନ ସମ୍ପାଦକ, ନିର୍ମଳ ଚନ୍ଦ୍ର ସେନାପତି କୋଷାଧ୍ୟକ୍ଷ, କବି ଅଚ୍ୟୁତାନନ୍ଦ ସାମଲ ଓ ସୁରେନ୍ଦ୍ର ନାଥ ଦାସ ଉପଦେଷ୍ଟା ଭାବେ ଚୟନ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବେ ଜଗନ୍ନାଥ ସାମଲ, ରମାକାନ୍ତ ବେହେରା, ବ୍ରଜକିଶୋର ମହାନ୍ତି, ମୁରଲୀଧର ଦାସ, ବିନୋଦ ମଲିକ, କେଶବ ସେଠୀ, ଯୋଗ୍ୟଶ୍ରୀ ସାମଲ, ସୁସ୍ମିତା ସ୍ୱାଇଁ ଓ ପ୍ରଭାକର ସାହୁଙ୍କୁ ନିଆଯାଇଛି।

## ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ

**ଚାନ୍ଦବାଲି, ୨।୧ (ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକ ମତୋ ଯୁକ୍ତ ୩ ସ୍ନାତକ କଲେଜ ବାଳିକା ଓ ବାଳକ ବିଭାଗର ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ୨୪ ବାଳିକା ଓ ୨୪ ବାଳକ ଅଂଶଗ୍ରହଣ କରିଥିଲେ। ବାଳକ ବିଭାଗର ସଂଯୋଜକ ଅଧ୍ୟାପକ ଶଶୀଭୂଷଣ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ବାଳିକା ବିଭାଗ ସଂଯୋଜିକା ଅଧ୍ୟାପିକା ମଦାଳସା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଚକିଆସାହି ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଶିବିର ହୋଇଥିଲା। ଅଧ୍ୟକ୍ଷ ବିଭୂତି ବିଶ୍ୱାଳ ଏନ୍‌ଏସ୍‌ଏସ୍ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

## 'ବରପୁତ୍ରଙ୍କୁ ଅପମାନିତ କରୁଛନ୍ତି ରାଜ୍ୟ ସରକାର'

**ବନ୍ତ, ୨।୧ (ସ୍ୱ.ପ୍ର.)**

ବନ୍ତ ବ୍ଲକ ଆଗରପଡ଼ାସ୍ଥିତ ହେମପଦ୍ମ ଗାଲାକ୍ସିଠାରେ ବୁଧବାର କଂଗ୍ରେସର ଜନଜାଗରଣ ସଭା ଅନୁଷ୍ଠିତ ହୋଇଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସଭାରେ ଯୋଗଦେଇ କହିଥିଲେ ଯେ, ରାଜ୍ୟରେ ଏକ ଅପାରଗ ଓ ସ୍ଥାଣୁ ସରକାର ଚାଲିଛି। ଏବେ ବି ୬୫ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ସେହିପରି ରାଜ୍ୟ ସରକାର ବରପୁତ୍ରମାନଙ୍କୁ ଅପମାନିତ କରୁଛନ୍ତି ବୋଲି ସେ ଅଭିଯୋଗ ଆଣିଥିଲେ। ବିଭିନ୍ନ ସ୍ଥାନରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିବା ବେଳେ ଜନ୍ମମାଟିରେ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ପ୍ରଶାସନ ଓ ରାଜନେତାଙ୍କ ବିରୋଧ ନିନ୍ଦନୀୟ ଘଟଣା ବୋଲି ପୂର୍ବତନ ଏମ୍‌ପି ଅନନ୍ତ ସେଠୀ ମତବ୍ୟକ୍ତ କରିଥିଲେ। ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ ମହତାବଙ୍କ ଯୋଗୁ ଯେଉଁମାନେ ଓଡ଼ିଶା ରାଜନୀତିରେ ଅଛନ୍ତି ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ବିରୋଧ କରି କିଛି ଭଲ କାମ କରିନାହାନ୍ତି ବୋଲି କହି ଆଗାମୀ ନିର୍ବାଚନରେ ଭଣ୍ଡାରିପୋଖରୀବାସୀ ତାହାର ଦୃଢ଼ ଜବାବ ଦେବେ ବୋଲି ମତ ପ୍ରକାଶ କରିଥିଲେ।



ଜନଜାଗରଣ ସଭାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟମାନେ।

**କଂଗ୍ରେସର ଜନଜାଗରଣ ସଭା**

କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ଆକବର ଅଲ୍ଲୀ, ପୂର୍ବତନ ବିଧାୟକ ନରେନ ପଲେଇ, କୁମାର ଚିରଞ୍ଜୀବ, ସୁଜାତା ଜେନା, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ନଳିନୀକାନ୍ତ ମହାନ୍ତି, ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଚାନ୍ଦ, ଭଣ୍ଡରିପୋଖରୀ ବ୍ଲକ ଅଧ୍ୟକ୍ଷା ମଞ୍ଜୁଶ୍ରୀ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷା ନିରୁପମା ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଜୋନ୍ ସଭାପତି ବିଜୟ ଜେନାଙ୍କ ସଞ୍ଚାଳନାରେ କଂଗ୍ରେସ ନେତା ଲକ୍ଷ୍ମୀଧର ସାହୁ, ସରପଞ୍ଚ ସତ୍ୟବାନ ଦାସ, କ୍ରିଷ୍ଣା ମହାନ୍ତି, ତ୍ରିଲୋଚନ ପଣ୍ଡା, ପ୍ରଫୁଲ୍ଲ ସାମଲ, ନିରଞ୍ଜନ ମଲ୍ଲିକ, ନରନାରାୟଣ ଜେନା, ପୂର୍ବତନ ସରପଞ୍ଚ ରବିନାରାୟଣ ମହାନ୍ତି, ଗଙ୍ଗାଧର ପତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଧାନସଭାର କଂଗ୍ରେସ ନେତା ସୁବ୍ରତ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ବ୍ଲକ ସଭାପତି ରାଜକିଶୋର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଜିଲା ସାଧାରଣ ସମ୍ପାଦକ ଛାୟାକାନ୍ତ ନନ୍ଦ, ତାପସ ରାୟ, ଆଇନଜୀବୀ ମନୋଜ ରାୟ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ଆଗରପଡ଼ା ଥାନା ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ଶ୍ରାବଣୀ



@ ରାଜଲକ୍ଷ୍ମୀ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ବାବା ବାଲୁଙ୍କେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ

# ଫ୍ରେଣ୍ଡ୍‌ସ କ୍ଲବ ଚାମ୍ପିୟନ

**ଭଣ୍ଡାରିପୋଖରୀ, ୨।୧ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ପଣପାଣ୍ଠୁଆ ପଡ଼ିଆଠାରେ ଚାଲିଥିବା ୨୦ତମ ବାବା ବାଲୁଙ୍କେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରାମବାଗ ଏନ୍‌ସିସି ଓ ଷୋଳମପୁର ଫ୍ରେଣ୍ଡ୍‌ସ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ଫ୍ରେଣ୍ଡ୍‌ସ କ୍ଲବ ଚାମ୍ପିୟନ ହୋଇଛି। ଫ୍ରେଣ୍ଡ୍‌ସ କ୍ଲବ ଟସ୍ ଜିତି ଏନ୍‌ସିସିକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଏନ୍‌ସିସି ନିର୍ଦ୍ଧାରିତ ୫ ଓଭରରେ ୫ ଉଇକେଟ ହରାଇ ୪୫ ରନ୍ କରିଥିଲା। ଫ୍ରେଣ୍ଡ୍‌ସ କ୍ଲବ ୪.୩ ଓଭରରେ ୫୧ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଷୋଳମପୁର ଶିଶୁମନ୍ଦିର ସମ୍ପାଦକ ବିଶ୍ୱମ୍ଭର ରାଉତ, ନରେନ୍ଦ୍ର ବେଉରିଆ, ଅଶୋକ ମଲିକ, ରତିକାନ୍ତ ମଲିକ, ରବୀନ୍ଦ୍ର ମଲିକ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ରନର୍ସଅପ୍‌କୁ ଟ୍ରଫି ଓ ନଗଦ ଅର୍ଥ, ଜ୍ଞାନରଞ୍ଜନ ଦାସଙ୍କୁ 'ମ୍ୟାନ ଅଫ୍ ଦି ମ୍ୟାଚ୍', କପିଳ ନାୟକଙ୍କୁ 'ମ୍ୟାନ ଅଫ୍ ଦି ସିରିଜ୍' ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍କଳ ବରାଳ, ମନୋଜ ମଲିକ, ଚନ୍ଦନ ରାଉତ, ଗଣେଶ ମଲିକ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

## ଜନଜାଗରଣ ଯାତ୍ରାରେ ନିରଞ୍ଜନଙ୍କୁ ସ୍ୱାଗତ

**ଭଣ୍ଡାରିପୋଖରୀ, ୨।୧(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ୧୬ ନମ୍ବର ଜାତୀୟ ରାଜପଥର ଛତାବର ଛକଠାରେ କଂଗ୍ରେସର ଜନଜାଗରଣ ଯାତ୍ରାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ସ୍ୱାଗତ କରାଯାଇଥିଲା। କଂଗ୍ରେସର ରାଜ୍ୟ ଉପସଭାପତି ଅନନ୍ତ ପ୍ରସାଦ ସେଠୀଙ୍କ ନେତୃତ୍ୱରେ ବିଶାଳ ଜନଜାଗରଣ ଯାତ୍ରା ବାଇକ ରାଲି ଅନୁଷ୍ଠିତ ହୋଇଥିଲା। ଛତାବର ଛକଠାରେ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ପିସିସି ସଭାପତି ପଟ୍ଟନାୟକଙ୍କୁ ସ୍ୱାଗତ କରିବା ପରେ ଆଗରପଡ଼ା ଅଭିମୁଖେ ରାଲି ବାହାରିଥିଲା। ଏହି ରାଲି କୁଲଣା, ମଞ୍ଜୁରିରୋଡ, ନିଳକ, ବନ୍ତ ଦେଇ ଆଗରପଡ଼ାସ୍ଥିତ ହେମପଦ୍ମା ଗାଲାକ୍ସି ପଡ଼ିଆକୁ ଯାଇ ସଭାସ୍ଥଳରେ ପହଞ୍ଚିଥିଲା। ଛତାବର ଛକଠାରେ ଅନନ୍ତ ପ୍ରସାଦ ସେଠୀ, ବିଜୟ ସ୍ୱାଇଁ, ରାଜ୍ୟ ମହିଳା ଉପାଧ୍ୟକ୍ଷା ସୁଜାତା ଜେନା, ସୁବ୍ରତ ଦାସ, ନରେନ ପଲେଇ, ରଜନୀକାନ୍ତ ଚନ୍ଦ, ନଳିନୀ ମହାନ୍ତି, ବେଣୁଧର ସାହୁ, ମଞ୍ଜୁଶ୍ରୀ ବେହେରା, ସୀତାକାନ୍ତ ଜେନା, ଚିରଞ୍ଜୀବ ସେଠୀ, ମଦନ ରାଉତ, କାର୍ତ୍ତିକ ଜେନା ପ୍ରମୁଖ ପିସିସି ସଭାପତିଙ୍କୁ ସ୍ୱାଗତ କରିବା ସହ ଶୋଭାଯାତ୍ରାରେ ସାମିଲ ଥିଲେ।

## ସଂକ୍ଷେପରେ

### ସୋର ବ୍ଲେଣ୍ଡର ସ୍ୱାଇଟ ଚାମ୍ପିୟନ

**ଖଇରା,୨।୧(ଡି.ଏନ.ଏ.):** ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଶ୍ରୀରାମପୁର ଖେଳପଡିଆରେ ମା' ଶିରାଦେବୀ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ତିନିଦିନବ୍ୟାପୀ ଏହି ଟୁର୍ନାମେଣ୍ଟ ଚାଲିଥିବା ବେଳେ ୧ ତାରିଖ ନୂଆବର୍ଷ ଅବସରରେ ଟୁର୍ନାମେଣ୍ଟ ଫାଇନାଲ ଖେଳ ସୋରର ବ୍ଲେଣ୍ଡର ସ୍ୱାଇଟ ଓ ତୁଡିଗଡିଆର ଏମବିସି ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୋର ଦଳ ତୁଡ଼ିଗଡ଼ିଆ ଦଳକୁ ୧୫ରନରେ ହରାଇ ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଥିଲା। ବିଜେତା ଦଳ ଅତିଥିମାନଙ୍କଠାରୁ ଟ୍ରଫି ହାସଲ କରିଥିବା ବେଳେ ଗତ ମାଟ୍ରିକ ପରିକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଦେବସ୍ମିତା ସେଠୀ ଓ ବିଶ୍ୱବିବେଚିତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅତିଥିଭାବେ ଯାତ୍ରା ଅଭିନେତା ଦୈତାରୀ ପଣ୍ଡା ଓ ଗୌର ଦାସ ଯୋଗଦେଇ ବିଜୟୀ ଦଳକୁ ସିଲ୍ଡ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ କାଶିନାଥ ମୁଦୁଲୀ ଓ ଶିକ୍ଷକ ଶରତ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ।

# ଲକ୍ଷାଧିକ ଭକ୍ତଙ୍କ ସୁନାବେଶ ଦର୍ଶନ

**ବାଲେଶ୍ୱର ଅଫିସ,୨।୧**

ନୂଆବର୍ଷ ଉପଲକ୍ଷେ ବାଲେଶ୍ୱର ବାଲଗୋପାଳପୁର ସ୍ଥିତ ଇମାମୀ ନଗର ଜଗନ୍ନାଥଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ସାଙ୍ଗକୁ ଜଗନ୍ନାଥମୟରେ ପରିଣତ ହୋଇଥିଲା ଇମାମୀ ନଗର। ବାଲଗୋପାଲପୁର ସ୍ଥିତ ଇମାମୀ ନଗର ଜଗନ୍ନାଥ ମନ୍ଦିରରେ ନୂଆବର୍ଷ ଉପଲକ୍ଷେ ସକାଳ ୫.୩୦ରେ କୀର୍ତ୍ତନ ପରିବେଷଣ, ୬ଟାରେ ସକାଳ ଅବକାଶ, ୮.୩୦ରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ରତ୍ନ ସିଂହାସନରେ ସୁନାବେଶ, ୮ଟାରେ ବଲ୍ଲଭ ଭୋଗ, ୧୦ଟା୩୦ରେ ଖେଚୁଡ଼ି ଭୋଗ, ୧୨ଟା୧୫ରେ ରାଜଧୂପ, ଅପରାହ୍ନ ୪ଘଟିକାରେ ଯଜ୍ଞମଣ୍ଡପରେ ପୂର୍ଣ୍ଣାହୁତି, ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଅନ୍ନପ୍ରସାଦ ବଣ୍ଟନ ସାଙ୍ଗକୁ ସନ୍ଧ୍ୟାରେ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା। ନବବର୍ଷରେ ଇମାମୀ ନଗର ଜଗନ୍ନାଥଙ୍କୁ ସୁନାବେଶରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କର ଦର୍ଶନ ସାଙ୍ଗକୁ ଜୟ ଜଗନ୍ନାଥ ଧ୍ୱନି, କରତାଳ, ଶଙ୍ଖ ନାଦରେ ଆସ୍ଥାନ ଜଗନ୍ନାଥମୟ ହୋଇଥିଲା। ଏହି ସମସ୍ତ



ଇମାମୀ ଜଗନ୍ନାଥ ମନ୍ଦିରରେ ଭକ୍ତଙ୍କ ଭିଡ଼

କାର୍ଯ୍ୟକ୍ରମକୁ ଇମାମୀ ଗ୍ରୁପ୍‌ର ଯୁଗ୍ମଅଧ୍ୟକ୍ଷ ରାଧାଶ୍ୟାମ ଗୋଏଙ୍କା, ଅନ୍ୟତମ ନିର୍ଦ୍ଦେଶକ ତଥା ମନ୍ଦିର ପରିଚାଳନା ମୁଖ୍ୟ ପୁରୋଧା ସୁଶୀଲ କୁମାର ଗୋଏଁକାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଇମାମୀ କାଗଜକଳର ନିର୍ଦ୍ଦେଶକ ଏମ୍‌ବିଏସ ନାୟାର, ବରିଷ୍ଠ ସଭାପତି ସୁଶୀଲ କୁମାର ଖୈତାନ, ମନ୍ଦିର ପ୍ରଶାସନିକ ଅଧିକାରୀ, ବହୁ ପଦାଧିକାରୀ ପ୍ରମୁଖ ଉପସ୍ଥିତ ରହି ସୂଚାରୁ ରୂପେ କାର୍ଯ୍ୟ ପରିଚାଳନା କରିଥିଲେ। ରେମୁଣା ଥାନା ଆଇ.ଆଇ.ସି. ଜ୍ଞାନେନ୍ଦ୍ର କୁମାର ମିଶ୍ର ଏବଂ ବହୁ ପୋଲିସ ପଦାଧିକାରୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ଯାନବାହାନ ନିୟନ୍ତ୍ରଣ କରିଥିଲେ। ଏହି କାର୍ଯ୍ୟ ସୂଚାରୁ ରୂପେ ଅନୁଷ୍ଠିତ ହୋଇଥିବାର ଇମାମୀ କାଗଜ କଳର ଏଜିଏମ୍ ମନୋଜ କୁମାର ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ମନ୍ଦିରର ମୁଖ୍ୟପୁରୋଧା ପ୍ରଦୀପ୍ତ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ପୁରୋହିତ ମହାପ୍ରଭୁଙ୍କର ସମସ୍ତ ବେଶ ଓ ନୀତି ସହିତ ଯଜ୍ଞ ପୂର୍ଣ୍ଣାହୁତି ପର୍ଯ୍ୟନ୍ତ କାର୍ଯ୍ୟ ସମାପନ କରିଥିଲେ।

## ନାବାଳିକାଙ୍କୁ ଅସଦାଚରଣ: ଜଣେ ଗିରଫ

**ଧାମନଗର, ୨।୧ (ଡି.ଏନ.ଏ.)**

ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ମୁନିସପାଟଣା ମଳିକସାହିର ପୀତବାସ ମଳିକଙ୍କୁ ଧାମନଗର ଥାନା ପୋଲିସ ଗିରଫ କରିଛି। ଅନ୍ୟ ସହଯୋଗୀ ରିତେଶ ମଳିକ ଫେରାର ହୋଇଯାଇଛନ୍ତି। ଥାନାରେ ଏକ ମାମଲା(ନଂ.୧/୧୯) ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ମାମୁଘରେ ପାଠ ପଢୁଥିବା ଜଣେ ନାବାଳିକା ବୁଧବାର ପୂର୍ବାହ୍ନରେ ଛେଳି ପାଇଁ ବିଲକୁ ଯାଇଥିବା ବେଳେ ପୀତବାସ ଏବଂ ରିତେଶ ତାଙ୍କୁ ଅସଦାଚରଣ କରିଥିଲେ। ନାବାଳିକାଙ୍କ ମାମୁଘର ଲୋକ ତାଙ୍କୁ ଉଦ୍ଧାର କରିବା ସହ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପୀତବାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।




ମେଳାରେ ମଞ୍ଚାସୀନ ଅତିଥି।

## ନରହରିପୁର ଗ୍ରାମୀଣମେଳା ଉଦ୍‌ଘାଟିତ

**ରେମୁଣା,୨।୧(ଡି.ଏନ.ଏ.)**

ପଞ୍ଚମ ବାର୍ଷିକ ନରହରିପୁର ଗ୍ରାମୀଣ ମେଳା ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଜିଲା ଶିଳ୍ପ ତାଲିମ କେନ୍ଦ୍ରର ପରିଚାଳକ ହରିହର ଜେନା ମେଳାକୁ ଉଦ୍‌ଘାଟନ କରି ଗ୍ରାମୀଣ ମେଳା ଅଞ୍ଚଳର ଏକ ପରିଚୟ ବୋଲି ଆଖ୍ୟାୟିତ କରିଥିଲେ। ମୁଖ୍ୟବକ୍ତାଭାବେ ପୂର୍ବତନ ବିଧାୟକ ସୁଦର୍ଶନ ଯେନା ଏବଂ ସମ୍ମାନିତ ଅତିଥିଭାବେ ଜିଲା ଶିଳ୍ପ ତାଲିମ କେନ୍ଦ୍ରର ସହକାରୀ ପରିଚାଳକ ସତ୍ୟାନନ୍ଦ ପଟ୍ଟନାୟକ, ଇମାମୀ ପେପର ମିଲ୍ସର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ପ୍ରମୁଖ ଯୋଗଦେଇ ଗ୍ରାମୀଣ ମେଳାର ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ପୂର୍ବତନ ସରପଞ୍ଚ ଅନରୁଦ୍ଧ ଲେଙ୍କା ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଗୌରଗୋପାଲ ସାହୁ ପ୍ରାରମ୍ଭିକ ସୂଚନା ଏବଂ ବିବରଣୀ ପାଠ କରିଥିଲେ। ଶେଷରେ ଅଜିତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟ ପରେ ଓଡିଶା ସରକାରଙ୍କ ପ୍ରାୟୋଜିତ ଛଉ ନୃତ୍ୟ ପରିବେଷଣ ହୋଇଥିଲା। ଏହି ଅବସରରେ ଝୋଟି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ମେଳା ୭ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସ୍ଥିର ହୋଇଛି।



ଭୋଗରାଇ ଉତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

■ ଭୋଗରାଇ ଉତ୍ସବର ୨ୟ ସନ୍ଧ୍ୟା

## ଉତ୍ସବ ଭାଇଚାରାର ସେତୁ ବାନ୍ଧେ

**ଭୋଗରାଇ,୨।୧(ଡି.ଏନ.ଏ.)**

ଉତ୍ସବ ଆନନ୍ଦ ଓ ଉଲ୍ଲାସ ଭରିଦିଏ। ମାନବିକ ମୂଲ୍ୟବୋଧ ଗଢ଼ି ତୋଳେ। ସାଂସ୍କୃତିକ ଚେତନା ଦୀପ୍ତିମନ୍ତ କରେ। ଜାତି-ଧର୍ମ-ବର୍ଣ୍ଣର ଐକ୍ୟ ଗଢ଼େ। ଭାଇଚାରାର ସେତୁ ବାନ୍ଧେ ବୋଲି ବୁଧବାର ଭୋଗରାଇ ଉତ୍ସବର ୨ୟ ସନ୍ଧ୍ୟାରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଥିଲେ। ସମିତିସଦସ୍ୟ ସୁନୀଲ କୁମାର କରଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ଗଦାଧର ଦାସ ମହାପାତ୍ର, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ଚିନ୍ମୟ ଦାସ, ସମ୍ମାନିତ ଅତିଥି ସାମାଜିକ କର୍ମୀ କମଳ ଚକ୍ରବର୍ତ୍ତୀ ଓ ଅଶୋକ ଦାସ, ଉତ୍କଳ ସାହିତ୍ୟ ସମ୍ମିଳନୀର ସମ୍ପାଦକ ସନ୍ନ୍ୟାସୀ ବେହେରା ପ୍ରମୁଖ ଭୋଗରାଇ ଉତ୍ସବ ସୁପ୍ତଜାତିକୁ ଜାଗ୍ରତ କରିବା ସହିତ ସାଂସ୍କୃତିକ କାର୍ଯ୍ୟ ଦ୍ୱାରା ମାନବ ସମାଜର କଲ୍ୟାଣ ସାଧିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଶେଷରେ ସଙ୍ଗୀତ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଉତ୍ସବକୁ କମିଟିର ପ୍ରଦୀପ କୁମାର ନାୟକ, ଦୀପେଶ ଚନ୍ଦ୍ର ରାୟ, ରଘୁନାଥ ମହାନ୍ତି, ଅମଳେନ୍ଦୁ ଦାସ, ଧର୍ମପଦ ଦାସ, ସନ୍ତୋଷ କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଦିବ୍ୟାଙ୍ଗ ଛାତ୍ରୀଛାତ୍ର କଲେ ବଣଭୋଜି

**ବାଲିଆପାଳ,୨।୧(ଡି.ଏନ.ଏ.)**

ବାଲିଆପାଳ ବ୍ଲକର ଡଗରା ବେଳାଭୂମିରେ ୧୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ବୁଧବାର ବଣଭୋଜିର ମଜା ନେଇଛନ୍ତି। ଡଗରା ସ୍ଥିତ ମଦର ଟେରେସା ସ୍ୱତନ୍ତ୍ର ଭିନ୍ନକ୍ଷମ ବିଦ୍ୟାଳୟର ଏହି ଛାତ୍ରୀଛାତ୍ର ସମୁଦ୍ର କୂଳରେ ବୁଲି ବେଶ୍ ଆନନ୍ଦିତ ହୋଇଥିଲେ। ପରେ ମଦର ଟେରେସା ସ୍ୱତନ୍ତ୍ର ଭିନ୍ନକ୍ଷମ ବିଦ୍ୟାଳୟର ମୁଖ୍ୟ ପରିଚାଳିକା ଶକୁନ୍ତଳା ପ୍ରଧାନଙ୍କ ସଭାପତିତ୍ୱରେ ସେଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯୁବ ସାମାଜିକ କର୍ମୀ ତଥା ୨୧ନଂ. ଜୋନର ଜିଲା ପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ ଏହି ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ବଣ ଭୋଜି ନିମନ୍ତେ ସମସ୍ତ ଆର୍ଥିକ ସହାୟତା ଯୋଗାଇ ଦେଇଥିବା ଜଣାଯାଇଛି।






# ସଭାପତି ପଦକୁ ନେଇ ବିବାଦ

**ବଡ଼ସାହି,୨।୧ (ସ୍ୱ.ପ୍ର)**

**ବଡ଼ସାହି ବ୍ଲକ**
- କଂଗ୍ରେସର ୨ ଗୋଷ୍ଠୀ ମୁହାଁମୁହିଁ
- ଉପୁଜୁଛି ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି

ବଡ଼ସାହି ବ୍ଲକ ଜୋନସ୍ତରୀୟ କଂଗ୍ରେସ ଦଳ ସଭାପତି ପଦକୁ ନେଇ ବିବାଦ ଦେଖାଦେଇଛି । ଦଳର ସଭାପତି ପଦ ସାର୍ବଜନୀନ ହୋଇ ନ ଥିବାରୁ ଦଳ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି । ଏ ସମ୍ପର୍କରେ ଗୋଟିଏ ଗୋଷ୍ଠୀର କର୍ମକର୍ତ୍ତାଙ୍କୁ ଜିଲା ସଭାପତି ମନୋନୀତ କରିଥିବା ନେଇ ୨୩ନଂ ଜୋନ କାର୍ଯ୍ୟକାରୀ ସଭାପତି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି । ଅପରପକ୍ଷେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ବଡ଼ସାହି ବ୍ଲକର ୨ ଜୋନର ସଭାପତି ପଦ ଘୋଷଣା କରିନାହାନ୍ତି ବୋଲି ଅନ୍ୟ ଗୋଷ୍ଠୀର କର୍ମକର୍ତ୍ତା ମତ ରଖିଛନ୍ତି। ଏପରି ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତିକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି।

ପୂର୍ବତନ ବ୍ଲକ ସଭାପତି ଗୁଣନିଧି ମହାନ୍ତିଙ୍କ ନେତୃତ୍ୱରେ ଗତ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳ ବଡ଼ସାହି ନିର୍ବାଚନମଣ୍ଡଳୀରେ ଦ୍ୱିତୀୟ ସ୍ଥାନ ଅକ୍ତିଆର କରିଥିଲା। ଏଆଇସିସିର ବ୍ୟବସ୍ଥା କ୍ରମେ ରାଜ୍ୟରେ ପ୍ରଣୀତ ନୂତନ ନିୟମ ଅନୁଯାୟୀ ବଡ଼ସାହି ବ୍ଲକର ୨୩ ଓ ୨୪ନମ୍ବର ଜୋନ ସଭାପତି ପଦ ଦୀର୍ଘ ଦିନ ଧରି ଖାଲି ପଡ଼ିଛି । ଏହି ପଦବୀରେ ସଭାପତି ପଦ ପାଇଁ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରୟାସ ଜୋର ଧରିଛି । ଅଦ୍ୟାବଧି ଜୋନର ସଭାପତି ପଦ ନିମନ୍ତେ ରାଜ୍ୟ ସଭାପତିଙ୍କ ଦ୍ୱାରା କୌଣସି ନାମ କରାଯାଇ ନାହିଁ । ମାତ୍ର ବ୍ଲକ ଅଞ୍ଚଳରେ ହେଉଥିବା ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମକୁ ଦୁଇ ଗୋଷ୍ଠୀ କର୍ମକର୍ତ୍ତାମାନେ ପୃଥକ ଭାବେ ପାଳନ କରୁଛନ୍ତି । ପୂର୍ବରୁ ଥିବା ବ୍ଲକ କଂଗ୍ରେସ ସଭାପତି ମହାନ୍ତିଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟକ୍ରମ କରାଯାଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେଉଛି ।

ଏକ ପ୍ରେସ ବିବୃତିରେ ସୁଶାନ୍ତ କୁମାର ବିଶ୍ୱାଳ ଜଣାଇଛନ୍ତି, ଏଆଇସିସିର ବ୍ୟବସ୍ଥା କ୍ରମେ ପ୍ରଚଳିତ ନୂତନ ନିୟମ ଅନୁଯାୟୀ, ତାଙ୍କୁ ବଡ଼ସାହି ବ୍ଲକ ଅଧୀନ ୨୩ ନଂ ଜୋନ ସଭାପତି ଭାବେ ଜିଲା ସଭାପତି ଚୟନ କରିଛନ୍ତି । ଏ ସମ୍ପର୍କରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଗୁଣନିଧି ମହାନ୍ତି କହନ୍ତି, ରାଜ୍ୟ ପିସିସି ସଭାପତି ହିଁ କେବଳ ଜୋନ ସ୍ତରରେ ସଭାପତି ମନୋନୀତ କରିବେ । ଜିଲାର ବଡ଼ସାହି ବ୍ଲକରେ ଥିବା ୨ ଜୋନ ସଭାପତି ଅଦ୍ୟାବଧି ଚୟନ କରାଯାଇ ନାହିଁ । ଚୟନ କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ ଦଳର ସଭାପତି ଭାବେ କାର୍ଯ୍ୟ କରିବା ପାଇଁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲା ସଭାପତି ହେମନ୍ତ ଦାସ କୁହନ୍ତି, ଜୋନ ସଭାପତି ଚୟନ କରିବାର କ୍ଷମତା ପିସିସି ସଭାପତିଙ୍କର ରହିଛି । ଅଦ୍ୟାବଧି ଏହି ଦୁଇଟି ଜୋନର ସଭାପତି ଚୟନ ହୋଇପାରି ନାହିଁ । ଜିଲା ସଭାପତି ଭାବେ ମୁଁ କୌଣସି କର୍ମକର୍ତ୍ତାଙ୍କୁ ଜୋନ ସଭାପତି ଚୟନ କରିନାହିଁ । ଉଭୟ ଗୋଷ୍ଠୀ ମଧ୍ୟରେ ସଭାପତି ପଦବୀ ନିମନ୍ତେ ଉପୁଜୁଥିବା ବିବାଦକୁ ନେଇ ଆଗାମୀ ନିର୍ବାଚନରେ କଂଗ୍ରେସ ଦଳ ପକ୍ଷରୁ ସଙ୍ଗଠନ କେଉଁ ରୂପ ଗ୍ରହଣ କରିବ ତାହା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି ।

## ସଂକ୍ଷେପରେ

### ଦୁଇ ପଥର ବୋଝେଇ ଗାଡ଼ି ଜବତ



**ଖୁଣ୍ଟା,୨।୧(ଡି.ଏନ.ଏ.):** ଡୁକୁରା ରେଞ୍ଜର ବନ କର୍ମଚାରୀମାନେ ବୁଧବାର ପଥର ବୋଝେଇ ୨ ଟିପ୍ପର ଜବତ କରିଛନ୍ତି। ଭୋରରୁ ବେଲଡାଙ୍ଗିରି ପଥର ଖାଦାନରୁ ଏକ ଗାଡି ପଥର ବୋଝେଇ କରି ଚିତ୍ରଡା ଯାଉଥିବା ବେଳେ ବନ କର୍ମଚାରୀଙ୍କ ହାବୁଡ଼ରେ ପଡିଥିଲା । ଏହାପରେ ଦିନ ସମୟରେ ଅନ୍ୟ ଏକ ଟିପ୍ପର ବାଙ୍ଗରା ଗ୍ରାମ କ୍ରଶରରୁ କଳା ମୁଗୁନି ପଥର ବୋଝେଇ କରି ଉଦଳା ଅଭିମୁଖେ ଯାଉଥିବା ବେଳେ ବାରିପଦା-ଉଦଳା ରାଜ୍ୟ ରାଜପଥର ବାଲିମୁଣ୍ଡଳୀ ଛକଠାରେ ବନ କର୍ମଚାରୀଙ୍କ ହାବୁଡରେ ପଡିଥିଲା। ଉକ୍ତ ୨ ଗାଡିକୁ ଡୁକୁରା ରେଞ୍ଜ କାର୍ଯ୍ୟାଳୟ ଅଣାଯାଇଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାରିପଦା ଅଫିସ,୨।୧:** ବାରିପଦା ସହର ଉପକଣ୍ଠ ମଞ୍ଜାବନ୍ଧା ଜଙ୍ଗଲର ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଉଛନ୍ତି ସଦର ଥାନା ଅଧୀନ ଚାନ୍ଦୁଆ ଗ୍ରାମର ଅଜୟ ପାତ୍ର। ବାରିପଦା ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଅଜୟ ବାରିପଦାର ଏକ ହୋଟେଲରେ କାମ କରୁଥିଲେ। ଘରୋଇ ସମସ୍ୟାରୁ ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ସଦର ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ କହିଛନ୍ତି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨/୧୯) ରୁଜୁ କରିଛି।

### ଆମେ ଉଦଳା ପକ୍ଷରୁ ନୂତନ ବର୍ଷକୁ ସ୍ୱାଗତ

**ଉଦଳା, ୨।୧ (ଡି.ଏନ୍.ଏ.):** ଆମେ ଉଦଳା ପକ୍ଷରୁ ୨୦୧୯ ନୂତନ ବର୍ଷକୁ ସ୍ୱାଗତ କରାଯାଇଛି । ଏଥିନିମନ୍ତେ ୧ ତାରିଖ ଦିନ ସନ୍ଧ୍ୟାରେ ସଙ୍ଗଠନ ପକ୍ଷରୁ ଏକ ସାଂସ୍କୃତିକ ମଞ୍ଚର ଆୟୋଜନ କରାଯାଇଥିଲା । ଏହି ମଞ୍ଚରେ ବାଲେଶ୍ୱର, ଭଦ୍ରକ, ବେତନଟୀ ଏବଂ ଉଦଳା ଅଞ୍ଚଳର ବିଶିଷ୍ଟ କଣ୍ଠଶିଳ୍ପୀମାନେ ଯୋଗଦେଇ ସଙ୍ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ ମଞ୍ଚରେ ଅମୀୟ କୁମାର ବଳଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଉଦଳା ଥାନାଧିକାରୀ ସନାତନ ସାହୁ, ବିଜେଡି ନେତା ଭାସ୍କର ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଆମେ ଉଦଳାର ବରିଷ୍ଠ ସଦସ୍ୟ ଆଶିଷ ମହାନ୍ତି, ହରିଶ ଚନ୍ଦ୍ର ଦାସ, ବୁନି ଖୁଣ୍ଟିଆ, ଅଶୋକ ଦାସ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପରିଚାଳନାରେ ସହଯୋଗ କରିଥିଲେ ।

### 'ହୋ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦିଅ'

**କପ୍ତିପଦା,୨।୧(ଡି.ଏନ.ଏ):** ଭାରତବର୍ଷରେ ୩୮ ଲକ୍ଷ ହୋ ଜନଜାତିର ଲୋକ ବସବାସ କରନ୍ତି । ମାତ୍ର ସେମାନଙ୍କର ବହୁ ଦାବି ପରେ ମଧ ଅଦ୍ୟାବଧି କେନ୍ଦ୍ର ସରକାର ଏହି ଭାଷାକୁ ସମ୍ବିଧାନର ୮ମ ସୂଚୀରେ ସାମିଲ କରିନାହାନ୍ତି । ଏପରିକି ଅଖିଳ ଭାରତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦିଲ୍ଲୀର ଜନ୍ତରମନ୍ତରଠାରେ ମଧ ଗତ ଡିସେମ୍ବର ୪ ତାରିଖରେ ଧାରଣା ଦିଆଯିବା ସତ୍ତ୍ୱେ ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । ଆସନ୍ତା ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରିପଦା ଗସ୍ତରେ ଆସୁଛନ୍ତି । ଏହି ଅବସରରେ ହୋ ଭାଷାକୁ ସମ୍ବିଧାନର ୮ମ ସୂଚୀରେ ସାମିଲ କରିବା ନିମନ୍ତେ ତାଙ୍କୁ ଦାବି ଜଣାଯିବ ବୋଲି ହୋ ଭାଷା ଶିକ୍ଷା ପରିଷଦ, ଓଡିଶାର ସମ୍ପାଦକ କାଇରା ସିଂ ବାନ୍ଦିଆ ଏକ ପ୍ରେସ ବିବୃତିରେ ଦାବି କରିଛନ୍ତି । ଏତଦ୍‌ବ୍ୟତୀତ ବାଙ୍ଗରିପୋଷି-ଟାଟା, ବାଲେଶ୍ୱର-କେନ୍ଦୁଝର ଓ କେନ୍ଦୁଝର-ବାଦାମପାହାଡ଼କୁ ରେଳ ସଂଯୋଗ ସହିତ ରାସଗୋବିନ୍ଦପୁର ବିମାନ ବନ୍ଦରକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ସେ ଦାବି ଜଣାଇଛନ୍ତି ।

## 'ଅଭିରାମ ଅଭିନୟ'ର ଜନ୍ମଲଗ୍ନ ଉତ୍ସବ



ଉପସ୍ଥିତ ଅତିଥିବୃନ୍ଦ।

**ବାରିପଦା ଅଫିସ,୨।୧:** ସ୍ଥାନୀୟ ଶହୀଦ ସ୍ମୃତି ଭବନ ପରିସରରେ ନାଟ୍ୟ ସଂସ୍ଥା 'ଆମେ ବାରିପଦା' ପକ୍ଷରୁ ଅଭିରାମ ଅଭିନୟ ଅନୁଷ୍ଠାନର ଜନ୍ମଲଗ୍ନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଥିଏଟର, ରେଡିଓ, ଟେଲିଭିଜନ ଓ ଫିଲ୍ମ ଜଗତର ମହାରଥୀମାନଙ୍କ ମହାସଙ୍ଗମକୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ମଞ୍ଚ ଅଭିନେତା ଓ ନିର୍ଦ୍ଦେଶକ ଚିନ୍ମୟ ଦାସପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚେୟାରପର୍ସନ ସନତ ଦାସପଟ୍ଟନାୟକ ଓ ଚଳଚ୍ଚିତ୍ର ପ୍ରଯୋଜକ ପ୍ରଦ୍ୟୁମ୍ନ ଲେଙ୍କା ୨ ଦିନର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହା ମଧ୍ୟରେ ପ୍ରସିଦ୍ଧ ଲୋକନୃତ୍ୟ ଛଉ, ଝୁମର ପରିବେଷିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ହିମାଂଶୁ ପରିଜା, ପ୍ରେମ ଆନନ୍ଦ,ବସନ୍ତରାଜ ସାମଲ, ନିମାଇଁ ମହାନ୍ତି, ସରୋଜ ପଟ୍ଟନାୟକ, ହୃଦାନନ୍ଦ ପଟ୍ଟନାୟକ, ସୁକାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସୁଧୀର ନାୟକ ପରିଚାଳନା କରିଥିବା ବେଳେ ନୃସିଂହଚରଣ ବାରିକ ମଞ୍ଚ ପରିଚାଳନା କରିଥିଲେ।

## କ୍ରୀଡା ପ୍ରତିଯୋଗିତା



ସଭାରେ ଉପସ୍ଥିତ ଅତିଥିମାନେ।

**ଭଞ୍ଜକିଆ,୨।୧(ଡି.ଏନ.ଏ.)**

ରରୁଆଁ ବ୍ଲକ ଅନ୍ତର୍ଗତ ତିଳକୁଟି ପଞ୍ଚାୟତର ଜାମୁନାଳିଆଠାରେ ନବବର୍ଷ ଅବସରରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପିକ୍‌ନିକ୍ ସ୍ପଟ୍ ରୂପେ ପରିଚିତ ଖଇରୀ ଭଞ୍ଜନ ନଦୀ କୂଳରେ ଦୁଇଦିନ ବ୍ୟାପି ଆୟୋଜିତ ଏହି କ୍ରୀଡ଼ା ପ୍ରତିଯୋଗିତାକୁ ଦେଖିବାକୁ ବହୁ ଗହଳି ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ରୂପେ ତିଳକୁଟି ଗ୍ରାମପଞ୍ଚାୟତର ସରପଞ୍ଚ ମିନୁ ଚାତାର, ସମ୍ମାନିତ ଅତିଥି ବିଶିଷ୍ଟ ଆଦିବାସୀ ନେତା ମନୋରଞ୍ଜନ ତିରିଆ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାକୁ ଦେବେନ୍ଦ୍ରନାଥ ଚାମ୍ପିଆ, ଦିଲ୍ଲୀପ ଚାମ୍ପିଆ, ଅନୀଲ ଚାମ୍ପିଆ, ରବିନ୍ଦ୍ରନାଥ ଚାଇୟା, ଯତିନ୍ଦ୍ରନାଥ ପୂର୍ତ୍ତି, ଭୀମ ଆଲଡ଼ା, ବିଶ୍ୱଜିତ୍ ଆଲଡା, ରବିନ୍ଦ୍ର ବୈପାଇ, ସୀମାଲ ଆଲଡା, ପ୍ରଶାନ୍ତ ଚାମ୍ପିଆ ପ୍ରମୁଖ ସାମିଲ ହୋଇଥିଲେ।

## ୭ରେ ଅଙ୍ଗନୱାଡି କର୍ମୀଙ୍କ ଜେଲଭରୋ ଆନ୍ଦୋଳନ

**ବଡସାହି, ୨।୧ (ସ୍ୱ.ପ୍ର):** ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡିଶା ଲେଡିଜ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଆସନ୍ତା ୭ତାରିଖରେ ଜେଲଭରୋ ଆନ୍ଦୋଳନ ଡାକରା ଦିଆଯାଇଛି । ବଡ଼ସାହି ବ୍ଲକର କାର୍ଯ୍ୟରତ ସମସ୍ତ କର୍ମୀ ଓ ସହକର୍ମୀମାନଙ୍କୁ ଆନ୍ଦୋଳନରେ ସାମିଲ ହେବାକୁ ଆସୋସିଏଶନର ସଭାପତି ପଦ୍ମଗନ୍ଧା ଦାସ ନିବେଦନ କରିଛନ୍ତି । ରାଜ୍ୟ ସରକାରଙ୍କ ଟାଳଟୁଳ ନୀତି ପାଇଁ ଅଙ୍ଗନୱାଡି କର୍ମୀ ଓ ସହକର୍ମୀମାନଙ୍କର ୧୩ଦଫା ଦାବି ପୂରଣ ନିମନ୍ତେ ରାଜ୍ୟ ସଂଘ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଗତ ୨୬ ନଭେମ୍ବରଠାରୁ ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ପ୍ରତ୍ୟେକ ଜିଲାର କର୍ମଚାରୀମାନେ ଦିନେ ଲେଖାଏ ଗଣଧାରଣାରେ ବସୁଛନ୍ତି । ମୁଖ୍ୟମନ୍ତ୍ରୀ କିମ୍ବା ବିଭାଗୀୟ ମନ୍ତ୍ରୀ ଦାବି ସମ୍ପର୍କରେ ଉଚିତ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ରାଜ୍ୟ ସଂଘ ପକ୍ଷରୁ ଗତ ୩୧ ତାରିଖରେ ଏପରି ନିଷ୍ପତ୍ତି ନିଆଯାଇଛି । ଆସନ୍ତା ୭ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲାର କାର୍ଯ୍ୟରତ ସମସ୍ତ କର୍ମଚାରୀ ବିକ୍ଷୋଭ କରିବା ସହିତ ଜେଲଭରୋ ଆନ୍ଦୋଳନ କରିବା ପାଇଁ ବ୍ଲକ ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଛି ।

## କନଷ୍ଟେବଲଙ୍କୁ ହତ୍ୟା ଅଭିଯୋଗ

# ଅଭିଯୁକ୍ତଙ୍କ ଗିରଫ ଦାବିରେ ରାସ୍ତାରୋକୋ



ତିରିଂ ଥାନା ସମ୍ମୁଖରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ ।

**ବହଳଦା,୨।୧(ଡି.ଏନ.ଏ)**

ଗତ ୨୮ ତାରିଖରେ ମୟୂରଭଞ୍ଜ ଜିଲା ତିରିଂ ଥାନା ପରିସରରେ ଜନୈକ ପୋଲିସ କନଷ୍ଟେବଲଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରି ତୁରନ୍ତ ଅଭିଯୁକ୍ତଙ୍କ ଗିରଫ ଦାବି କରିଛନ୍ତି। ଏଥିନିମନ୍ତେ ବୁଧବାର ତିରିଂ ଥାନା ସମ୍ମୁଖରେ ମୃତକଙ୍କ ପରିବାର ସମେତ ଗ୍ରାମବାସୀ ଟାଟା-ବହଳଦା ରାସ୍ତା ଅବରୋଧ କରିଛନ୍ତି। ଫଳରେ ରାତି ୮ଟା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହିଛି ।

ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ତିରିଂ ଥାନାରେ କାର୍ଯ୍ୟରତ ଧୁଙ୍ଗିଆଡିହି ଗାଁର କନଷ୍ଟେବଲ ସୁରେଶ ମହାନ୍ତଙ୍କର ସେହି ଥାନାରେ କାର୍ଯ୍ୟରତ ଅନ୍ୟ ଜଣେ କନଷ୍ଟେବଲଙ୍କ ସହ ଗତ ୨୮ ତାରିଖରେ ବଚସା ହୋଇଥିଲା। ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିବା ବେଳେ ସୁରେଶ ତଳେ ପଡିଯାଇ ପ୍ରାଣ ହରାଇଥିଲେ । ଏହା ଏକ ହତ୍ୟା ଘଟଣା ବୋଲି ପରିବାର ଲୋକେ ଅଭିଯୋଗ କରି ତୁରନ୍ତ ଅଭିଯୁକ୍ତଙ୍କ ଗିରଫ ଦାବି କରିଛନ୍ତି। ଘଟଣାସ୍ଥଳରେ ଅତିରିକ୍ତ ଏସ.ପି., ରାଇରଙ୍ଗପୁର ଏସଡିପିଓ ଅମୂଲ୍ୟଚନ୍ଦ୍ର ଧର , ତିରିଂ ଥାନା ଆଇଆଇସି ସୁଦର୍ଶନ ଗାଙ୍ଗୋଇ ଉପସ୍ଥିତ ରହି ପରିବାର ଲୋକଙ୍କ ସହ ଆଲୋଚନା କରୁଛନ୍ତି। ହେଲେ ଖବର ଲେଖା ହେବା ପର୍ଯ୍ୟନ୍ତ ରାସ୍ତାରୋକୋ ହଟି ନ ଥିବା ଜଣାଯାଇଛି।

# ଏପ୍ରିଲ ୧୪ରୁ ଆରମ୍ଭ ବଳାଙ୍ଗୀ ମହୋତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ କମିଟିର କାର୍ଯ୍ୟକର୍ତ୍ତା ବୃନ୍ଦ।

**ବାରିପଦା ଅଫିସ,୨।୧**

ରାଜ୍ୟସ୍ତରୀୟ ବଳାଙ୍ଗୀ ମହୋତ୍ସବ ବାରିପଦା ଶାଳବଣିଠାରେ ଏପ୍ରିଲ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଆୟୋଜିତ ହେବ। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ଚେୟାର ପର୍ସନ ଶ୍ରୀନିବାସ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବଳାଙ୍ଗୀ ମହୋତ୍ସବ ସଭାପତି ରାଜକିଶୋର ଦାସ, ଖବରଦାତା ବିଜୟ କୁମାର ଅଗ୍ରୱାଲା, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ, ନରେନ୍ଦ୍ର ମୋହନ ସେନାପତି, ସ୍ମରଣିକା ସମ୍ପାଦକ କାବେରୀ ମିଶ୍ର, ପଣ୍ଡିତ ବିଜୟ କୁମାର ଦାଶ ପ୍ରମୁଖ ଯୋଗଦେଇ ଥିଲେ। ପ୍ରାରମ୍ଭରେ ବଳାଙ୍ଗୀ ମହୋତ୍ସବ ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ବାର୍ଷିକ ବିବରଣି ପାଠ କରିଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ରଥ ବଳାଙ୍ଗୀ କମିଟି ପକ୍ଷରୁ ଆସନ୍ତା ମାର୍ଚ୍ଚ ୯ରୁ ୧୧ତାରିଖ ପର୍ଯ୍ୟନ୍ତ ସମଗ୍ର ମୟୂରଭଞ୍ଜ ଜିଲା ପରିକ୍ରମା କରିବ ବୋଲି ଘୋଷଣା ହୋଇଥିଲା । ଏହି ବୈଠକରେ କମିଟିର ବରିଷ୍ଠ କର୍ମକର୍ତ୍ତା ଭାଗବତ ପଣ୍ଡା,ମୂର୍ଚ୍ଛନା ଦାସପଟ୍ଟନାୟକ,ବିଜୟ କୁମାର ମିଶ୍ର, ଅଧ୍ୟାପକ ସୁନୀଲ କୁମାର ଜେନା, ଲିଙ୍ଗରାଜ ମିଶ୍ର,ଦୀପକ କୁମାର ନାୟକ ପ୍ରମୁଖ ଯୋଗଦେଇ ଆଗାମୀ ମହୋତ୍ସବ କିପରି ସୁସଙ୍ଗଠିତ ଭାବରେ ସମ୍ପାଦିତ ହୋଇପାରିବ ସେସମ୍ପର୍କରେ ଆଲୋଚନା କରିଥିଲେ ।

## ସାନିଟାରି ପ୍ୟାଡ଼ ସେବାକେନ୍ଦ୍ର ଉଦ୍‌ଘାଟିତ

**କପ୍ତିପଦା,୨।୧(ଡି.ଏନ.ଏ):** କପ୍ତିପଦା ବ୍ଲକ ଅନ୍ତର୍ଗତ ଶାଳଚୁଆ ପଞ୍ଚାୟତର ଗେଣ୍ଡା ଗଡ଼ିଆ ଗ୍ରାମରେ ଏକ ସାନିଟାରି ପ୍ୟାଡ ପ୍ରସ୍ତୁତି ସେବା କେନ୍ଦ୍ରର ଉଦ୍‌ଘାଟନ ହୋଇଛି। ସମାଜସେବୀ ନାରୀନେତ୍ରୀ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସାନିଟାରି ପ୍ୟାଡ଼ ନିର୍ମାଣ ଏବଂ ଯୋଗାଣ ଯୋଗୁ କେତେକ ମହିଳା ରୋଜଗାର ପାଇବା ସହିତ ଏହାକୁ ବ୍ୟବହାର କରି କିପରି ସୁସ୍ଥ ରହିପାରିବେ ସେ ସମ୍ପର୍କରେ ଉପସ୍ଥିତ ମହିଳାଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖାଯାଇଥିଲା । ଉଜ୍ଜ୍ୱଳା ହିତାଧିକାରୀମାନେ ବଳକା ସମୟରେ ଏହି କାର୍ଯ୍ୟରେ ନିୟୋଜିତ ହୋଇ ରୋଜଗାର କରିପାରିବେ ବୋଲି ଅତିଥିମାନେ କହିଥିଲେ ।

## ଓଡ଼ିଆ ବିଭାଗ ପକ୍ଷରୁ ପାଠଚକ୍ର

**ବାରିପଦା ଅଫିସ,୨।୧:** ବାରିପଦା ସ୍ଥିତ ଶ୍ରୀମା ମହାବିଦ୍ୟାଳୟ ପରିସରରେ ଓଡ଼ିଆ ବିଭାଗ ପକ୍ଷରୁ ସାହିତ୍ୟର ନବ ଜାଗରଣ ସମ୍ପର୍କିତ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଡ.ଅବନି କୁଣ୍ଡୁ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଜ୍ୟୋତିର୍ମୟୀ ଘୋଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପାଠଚକ୍ରରେ ଇତିହାସ ବିଭାଗର ମୁଖ୍ୟ ଗୀତା ଶତପଥୀ, ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ମାନସୀରାଣୀ ବାରିକ, ଅଧ୍ୟାପିକା ମିତାରାଣୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ରଗ୍‌ବୀ ପ୍ରତିଯୋଗିତାରେ ଓଡ଼ିଶାକୁ ସଫଳତା

# ବିଜୟୀ ଦଳରେ ମୟୂରଭଞ୍ଜର ୪ ଛାତ୍ରୀ



ଜିଲାପାଳଙ୍କ ସହ କୃତୀ ଛାତ୍ରୀବୃନ୍ଦ ଓ ଅନ୍ୟମାନେ।

**ବାରିପଦା ଅଫିସ, ୨।୧:** ଗତ ଡିସେମ୍ବର ୨୬ରୁ ୩୧ତାରିଖ ପର୍ଯ୍ୟନ୍ତ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବା ୨୪ତମ ଜାତୀୟ ବିଦ୍ୟାଳୟସ୍ତରୀୟ ରଗବୀ ଫୁଟବଲ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲାକୁ ସଫଳତା ମିଳିଛି। ଏଥିରେ ୧୭ବର୍ଷରୁ କମ୍ ବାଳିକା ବିଭାଗରେ ଓଡ଼ିଶା ଫାଇନାଲରେ ବିହାରକୁ ହରାଇ ଦଳଗତ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଓଡ଼ିଶା ଦଳରେ ମୟୂରଭଞ୍ଜ ରାଣୀଭୋଳସ୍ଥିତ ସରକାରୀ ବାଳିକା ବିଦ୍ୟାଳୟର ୪ଜଣ ଛାତ୍ରୀ ସାମିଲ ଥିଲେ। ଏଣୁ ଏହି ଦଳ ଚାମ୍ପିୟନ ହୋଇଥିବା ଯୋଗୁ ବିଦ୍ୟାଳୟରେ ଖୁସିର ଲହରି ଖେଳିଯାଇଛି। ଉକ୍ତ ଛାତ୍ରୀମାନେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଳାକାନ୍ତ ପ୍ରହରାଜଙ୍କ ସହ ମିଶି ଜିଲାପାଳ ବିନିତ ଭରଦ୍ୱାଜ, ଅତିରିକ୍ତ ଜିଲାପାଳ, ପ୍ରକଳ୍ପ ପ୍ରଶାସକଙ୍କ ସହ ସାକ୍ଷାତ କରିଥିଲେ। ସେମାନଙ୍କ ସହ ଜିଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା ପ୍ରମୁଖ ସେମାନଙ୍କ ସହ ଉପସ୍ଥିତ ଥିଲେ।

# ଆଜି ରାଇରଙ୍ଗପୁର ବନ୍ଦ

- ପଶ୍ଚିମ ମୟୂରଭଞ୍ଜ ରାଜସ୍ୱ ଜିଲା ଗଠନ ଦାବି
- ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

**ରାଇରଙ୍ଗପୁର,୨।୧(ଡି.ଏନ.ଏ.)**

ପଶ୍ଚିମ ମୟୂରଭଞ୍ଜକୁ ନୂତନ ରାଜସ୍ୱ ଜିଲା ଗଠନ ଦାବି ନେଇ ବୁଧବାର ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଇରଙ୍ଗପୁର ଓକିଲ ସଂଘ ସମେତ ବିଭିନ୍ନ ଦଳୀୟ କର୍ମକର୍ତ୍ତରା ଓ ଅନ୍ୟ ସଙ୍ଗଠନ ସଦସ୍ୟ ଏଥିରେ ସାମିଲ ହୋଇଥିଲେ। ଏହି ବିକ୍ଷୋଭ ସମାବେଶରେ ଶାସକ ବିଜେଡି, କଂଗ୍ରେସ, ଭାଜପା ଏବଂ ଜେଏମଏମ୍ ସମେତ ଓକିଲ ସଂଘର ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ। ରାଇରଙ୍ଗପୁର ସବ୍‌ଡିଭିଜନର ବିଭିନ୍ନ ସମସ୍ୟାର ସମାଧାନ ପ୍ରତି ଦୀର୍ଘ ଦିନର ଦାବି ସତ୍ତ୍ୱେ କେହି ଆନ୍ତରିକତା ପ୍ରକାଶ କରୁ ନାହାନ୍ତି। ତେଣୁ ତୁରନ୍ତ ରାଜ୍ୟ ସରକାର ରାଇରଙ୍ଗପୁର ସବ୍‌ଡିଭିଜନକୁ ପଶ୍ଚିମ ମୟୂରଭଞ୍ଜ ରାଜସ୍ୱ ଜିଲା ମାନ୍ୟତା ଦେବାକୁ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପଶ୍ଚିମ ମୟୂରଭଞ୍ଜ ନୂତନ ରାଜସ୍ୱ ଜିଲା ଗଠନ କ୍ରିୟାନୁଷ୍ଠାନ କମିଟି ସଭାପତି ତଥା ଓକିଲ ସଂଘ ସଭାପତି ଅକ୍ଷୟ କୁମାର ମହାନ୍ତି ଏବଂ କାର୍ଯ୍ୟକାରୀ ସଭାପତି ପ୍ରାକ୍ତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତିଙ୍କ ନେତୃତ୍ୱରେ କଂଗ୍ରେସ ଦଳୀୟ ପ୍ରାକ୍ତନ ବିଧାୟକ ଲକ୍ଷ୍ମଣ ମାଝୀ, ଯୁବ କଂଗ୍ରେସ ନେତା ବିକାଶଚନ୍ଦ୍ର ମହାନ୍ତ, କିଶୋର କୁମାର ରଜାକ୍, ଜେଏମ୍ଏମର ସୁନୀଲ ମାଝୀ, ବିଜେଡିର ପାର୍ଥ ସାରଥି କବି ଏବଂ ଦିପ୍ତିମୟୀ ବରାଳ, ବଣିକ ସଂଘର ସମ୍ପାଦକ ଅଶୋକ କୁମାର ଅଗ୍ରୱାଲ, ଓକିଲ ସଂଘର ରସାନନ୍ଦ ଲେଙ୍କା ଏବଂ ପ୍ରଭାସ କବି ପ୍ରମୁଖ ସାମିଲ ଥିଲେ।

